ଧରିତ୍ରୀ
DHARITRI
February 27- March 5, 2022 ₹ 2/-





# ସେବା ପାଇଁ ସମର୍ପିତ

ବୃତ୍ତି ସେମାନଙ୍କର ଭିନ୍ନ ଭିନ୍ନ କିନ୍ତୁ ଜନସେବାକୁ କରିଛନ୍ତି ଜୀବନର ବ୍ରତ, ଯେଉଁଥିପାଇଁ ବଳକା ସମୟରେ ଲୋକଙ୍କ ପାଇଁ କାମକରି ପାଲଟିଛନ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ...

୩
ପ୍ରଚ୍ଛଦ ପ୍ରସଙ୍ଗ



## ବେଲଗଛ କେଉଁଠି ରହିଲେ ଶୁଭ

ଭଗବାନ ଶିବଙ୍କର ଅତି ପ୍ରିୟ ହେଉଛି ବେଲପତ୍ର । ଶିବପୁରାଣ ଅନୁସାରେ, ଯେଉଁ ବ୍ୟକ୍ତିଙ୍କ ଘରେ ବେଲଗଛ ରହିଥାଏ, ସେହି ଘର ଉପରକୁ କାହାର ଖରାପ ଦୃଷ୍ଟି ପଡେନାହିଁ । ଘରର ପ୍ରତ୍ୟେକ ସଦସ୍ୟଙ୍କୁ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ । ତେବେ ବେଲଗଛ ଘରର କେଉଁ ସ୍ଥାନରେ ରହିଲେ ଶୁଭ ହୋଇଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

* ଘରର ଉତ୍ତର- ପଶ୍ଚିମ ଦିଗରେ



ବେଲଗଛ ଲଗାଇଲେ ବ୍ୟକ୍ତି ତେଜସ୍ୱୀ ତଥା ଉର୍ଜାବାନ ହୋଇଥାନ୍ତି ।

* ସେହିପରି ଦକ୍ଷିଣ-ପଶ୍ଚିମ ଦିଗରେ ବେଲଗଛ ଲଗାଇଲେ ପରିବାରରେ ଆର୍ଥିକ ଅଭିବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ଏପରିକି କରଜରୁ ମୁକ୍ତି ପାଇବାକୁ ଚାହୁଁଥିଲେ ଏହି ଦିଗରେ ବେଲଗଛ ଲଗାଇବା ଶୁଭ ହୋଇଥାଏ ।

* କୁହାଯାଏ, ଘରର ଠିକ୍ ମଧ୍ୟ ଭାଗରେ ବେଲଗଛ ଲଗାଇଲେ ପରିବାର ସଦସ୍ୟଙ୍କ ଭିତରେ କୁଆଡେ ବୁଝାମଣା ବୃଦ୍ଧି ପାଇବା ସହ ସ୍ନେହପ୍ରେମ ବଢିଥାଏ ।

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କ ଘରର ଅଗଣାରେ ବେଲଗଛ ରହିଥାଏ, ସେହି ଘରୁ ସମସ୍ତ ନକାରାତ୍ମକ ଉର୍ଜା ନଷ୍ଟ ହୋଇ ସକାରାତ୍ମକ ଉର୍ଜା ପ୍ରାପ୍ତ ହୋଇଥାଏ । ତା'ଛଡା ଉକ୍ତ ଘରକୁ କୌଣସି ତନ୍ତ୍ର ଶକ୍ତି ପ୍ରବେଶ କରିପାରେ ନାହିଁ ବୋଲି ମଧ୍ୟ ବିଶ୍ୱାସ କରାଯାଏ ।

* ତେଣୁ କୌଣସି ବ୍ୟକ୍ତିଙ୍କ ଘରେ ଯଦି ବେଲଗଛ ଲଗାଇବା ପାଇଁ ଖୋଲା ଜାଗା ନାହିଁ, ସେ କ୍ଷେତ୍ରରେ ଫୁଲକୁଣ୍ଡରେ ବେଲଗଛ ଲଗାଇ ଘର ଭିତରେ ରଖିପାରିବେ । ଗଛ ଟିକେ ବଡ ହୋଇଗଲେ ତାକୁ ମନ୍ଦିର କିମ୍ବା ତୀର୍ଥସ୍ଥଳୀରେ ଦାନ ଆକାରରେ ଦେଇ ପୁଣି ଛୋଟ ବେଲଗଛଟିଏ ଆଣି କୁଣ୍ଡରେ ଲଗାଇ ଘରେ ରଖିଦେବେ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୨୭- ମାର୍ଚ୍ଚ ୫

**ମେଷ**: ଶୁଭଖବର ପ୍ରାପ୍ତି, ନୂତନ କର୍ମ ସଂସ୍ଥାନ, ମୂଲ୍ୟବାନଦ୍ରବ୍ୟ ଲାଭ, ବ୍ୟସ୍ତତା ବୃଦ୍ଧି ପାଇବ, ସହଯୋଗ ପାଇବେନି, ଅଧ୍ୟାପନାରେ ଉନ୍ନତି କରିବେ, ନୂତନ କାର୍ଯ୍ୟାରମ୍ଭ, ଚାପର ସମ୍ମୁଖୀନ ହୋଇପାରନ୍ତି, ନୀଚ୍ଚସଂସର୍ଗରୁ ନିନ୍ଦା, ରଚନାତ୍ମକ କାମରୁ ପ୍ରଶଂସା ।।

**ବୃଷ**: ଯାତ୍ରାରେ ସମସ୍ୟା, ସ୍ଥଗିତକାର୍ଯ୍ୟ ତ୍ୱରାନ୍ୱିତ ହେବ, ବନ୍ଧୁଙ୍କ ସହାୟତା ପାଇବେ, ଦ୍ରବ୍ୟ ନଷ୍ଟ ହୋଇପାରେ । ଆଶଙ୍କାରୁ ମନର ଅସ୍ଥିରତା, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅର୍ଥଲାଭ ଅବଶ୍ୟମ୍ଭାବୀ, ଗୁପ୍ତଶତ୍ରୁଙ୍କ ଚକ୍ରାନ୍ତ, ଭଲ କାମରୁ ପ୍ରଶଂସା ।।

**ମିଥୁନ**: ମନ ଭାରାକ୍ରାନ୍ତ ରହିବ, ଧନହାନୀରୁ କ୍ଷୋଭ, ମିତ୍ରବନ୍ଧୁଙ୍କ କୁତ୍ସାରଟନା, ଘଟଣାର ସମୀକ୍ଷା କରିବେ, ସହକର୍ମୀଙ୍କ ଅନୁରକ୍ତି, ଖର୍ଚ୍ଚାନ୍ତରୁ ମନସ୍ତାପ, ଦୂରସ୍ଥାନକୁ ଯାତ୍ରା, ନିର୍ମାଣଧୀନ କାମରେ କଳହ, ପାରିବାରିକ ଶାନ୍ତି ।।

**କର୍କଟ**: ନୂତନ ଯୋଜନାରମ୍ଭ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ବୁଝାମଣାରେ ବିଫଳତା, ବିଦେଶ ଯାତ୍ରା ସ୍ଥଗିତ, ବ୍ୟବସାୟ ବାଣିଜ୍ୟରେ ଅଗ୍ରଗତି, ପ୍ରତିବନ୍ଧକ ଦେଖାଦେବ, ଅସାବଧାନତାରୁ ଧନହାନୀ ।।

**ସିଂହ**: ସ୍ୱାସ୍ଥ୍ୟହାନୀ, ବନ୍ଧୁ ବତ୍ସଳତା, ପାରିବାରିକ ଅଶାନ୍ତି, ସମ୍ପର୍କରେ ତିକ୍ତତା, ଋଣପ୍ରାପ୍ତି, କ୍ରୀଡା ଓ କଳାରୁ ସମ୍ମାନ, ସୁଯୋଗ ପାଇବେ, ସୌଖୀନଦ୍ରବ୍ୟ କ୍ରୟ, ଅଶୌଚ ଖବର, ଅନ୍ୟାୟ ବିରୋଧରେ ସ୍ୱର ।।

**କନ୍ୟା**: ଆର୍ଥିକ ଉନ୍ନତି, ପରିବାରର ସହଯୋଗ, କର୍ମକ୍ଷେତ୍ରରେ ପ୍ରଶଂସା, ବନ୍ଧୁଙ୍କୁ ମିଶିବେ, ପକେଟ୍‌ମାର ହୋଇପାରେ, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥାନାନ୍ତରର ସୂଚନା, ଆବଦ୍ଧରୁ ମୁକ୍ତ ହେବେ, ଆତ୍ମସନ୍ତୋଷ ମିଳିବ ।।

**ତୁଳା**: ଶାରୀରିକ ସୁସ୍ଥତା, ସମ୍ପର୍କରେ ଉନ୍ନତି, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ, ଭ୍ରାତୃବିବାଦ, ଭ୍ରମଣ ସୁଯୋଗ ଜୁଟିବ, ମାନସିକ କ୍ଲାନ୍ତି, ତିକ୍ତତାର ପରିସମାପ୍ତି, ଅତିଥି ଚର୍ଚ୍ଚାରୁ ଆନନ୍ଦ, ଅନ୍ୟମନସ୍କ ରହିପାରନ୍ତି, ଅପନିନ୍ଦା ଶୁଣିବେ, କର୍ମକ୍ଷେତ୍ର ମନ୍ଦ ହେବନି ।।

**ବିଛା**: ବନ୍ଧୁଙ୍କ ସ୍ୱାର୍ଥପରତା, ସମ୍ପତ୍ତିରେ ଟଣାଓଟରା, ସମାଲୋଚିତ ହୋଇପାରନ୍ତି, ନେତୃତ୍ୱରୁ ପ୍ରଶଂସା, ସ୍ୱାସ୍ଥ୍ୟହାନୀ, ଅଶାନ୍ତ ବାତାବରଣ, ବ୍ୟବସାୟରେ ସଫଳତା, ବନ୍ଧୁ ପ୍ରସ୍ତାବ ଆସିବ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ ।।

**ଧନୁ**: ନୂତନ ପ୍ରକଳ୍ପାରମ୍ଭ, ଆର୍ଥିକ ଦୂରବସ୍ଥା, ଆତ୍ମୀୟଙ୍କ ସମାଲୋଚନା, ଯାନବାହନରେ କ୍ଷତି, ବ୍ୟବସାୟରୁ ଲାଭ, ପରୋପକାରରୁ ପ୍ରଶଂସା, ଦୁର୍ବଳତା ଅନୁଭବ କରିବେ, ସରସତା ରହିବନି, ବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ସମସ୍ୟା ।।

**ମକର**: ପାରିବାରିକ ସମସ୍ୟା, ମିଥ୍ୟା ଅଭିଯୋଗ, ଦୁର୍ବଳ ମାନସିକତା, ନିରୁତ୍ସାହତା, ମାଲିମକଦ୍ଦମାରୁ ଦୁଃଶ୍ଚିନ୍ତା, ଅର୍ଥର ଆବଶ୍ୟକତା, ଲୋକସମ୍ପର୍କ ବୃଦ୍ଧି, ଅନ୍ୟମନସ୍କ ରହିପାରନ୍ତି, ଅପଦସ୍ତ ହେବେ, ବିଦେଶ ଯାତ୍ରା, ମାଙ୍ଗଳିକ କର୍ମର ପ୍ରସ୍ତୁତି ।।

**କୁମ୍ଭ**: ସହକର୍ମୀଙ୍କ ଅସହଯୋଗ, ପରିବାରରେ ଭୁଲ୍ ବୁଝାମଣା, କ୍ରନିକ୍ ରୋଗରେ ପୀଡା, ସମସ୍ୟା ବଢିପାରେ, ବନ୍ଧୁଙ୍କୁ ସାହାଯ୍ୟ ମାଗିବେ, ପରିସ୍ଥିତିର ମୁକାବିଲା, ଭାଇଙ୍କ ପାଇଁ ଦୁଶ୍ଚିନ୍ତା, ସଭାସମିତିକୁ ନିମନ୍ତ୍ରଣ, ନୂତନ ମିତ୍ରତା ।।

**ମୀନ**: ଭ୍ରମଣ ସୁଯୋଗ ଜୁଟିବ, ମିଥ୍ୟା ଗୁଜବ ଶୁଣିବେ, ଚେଷ୍ଟାରେ ସଫଳତା, ସନ୍ତାନ ହେତୁକ ଗୌରବ, ବିବାଦଗ୍ରସ୍ତ ହେବେ, ସଙ୍ଗଦୋଷର ସମାଲୋଚନା, ଅବହେଳାରୁ କୈଫିୟତ, ଗାଡିମୋଟର ମରାମତି, କରଜଦାତାଙ୍କ ଚାପ, ଧର୍ମକାର୍ଯ୍ୟ କରିବେ ।।

## ଗୁଣକାରୀ ବେଲପତ୍ର

**ବେ**ଲପତ୍ର କେବଳ ଦେବ ଦେବ ମହାଦେବଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ହୋଇଥାଏ ତାହା ନୁହେଁ ଏହାକୁ ସେବନ କରି ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ସହଜରେ ମୁକ୍ତି ପାଇହୁଏ । କୁହାଯାଏ, ନିୟମିତ କିଛିଦିନ ବେଲପତ୍ର ଖାଇବା ଦ୍ୱାରା କୋଲେଷ୍ଟ୍ରୋଲ୍ ନିୟନ୍ତ୍ରଣରେ ରହିଥାଏ । ସେହିପରି ବେଲପତ୍ରର ଚୂର୍ଣ୍ଣକୁ ସେବନ କଲେ କ୍ୟାନସର୍ ଜନିତ ପୀଡାରୁ ଅନେକାଂଶରେ ଉପଶମ ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ମଧୁମେହ ରୋଗୀଙ୍କ ପାଇଁ ବି ବେଲପତ୍ର ସେବନ କରିବା ଲାଭଦାୟକ ହୋଇଥାଏ । ବେଲପତ୍ରକୁ ବାଟି ପ୍ରତ୍ୟେହ ଦୁଇ ଚାମଚ ଲେଖାଏଁ ଏହାର ରସକୁ ଖାଇଲେ ପେଟ ଜନୀତ ବିଭିନ୍ନ ସମସ୍ୟା ଯେମିତି କି ବଦହଜମୀ, ଭୋକ ନ



ଲାଗିବା, ଗ୍ୟାସ୍ ସମସ୍ୟାରୁ କିଛି ମାତ୍ରାରେ ମୁକ୍ତି ମିଳିଥାଏ । ଆୟୁର୍ବେଦ ଅନୁସାରେ, ଥଣ୍ଡାକାଶ ହୋଇ ଜ୍ୱର ଆସିବା ସମୟରେ ଯଦି କିଛି ବେଲପତ୍ରକୁ ଆଣି ତା'ର କାଢା କରି ପିଆଯାଏ, ତା'ହେଲେ ଶରୀରକୁ ଅନେକ ଫାଇଦା ମିଳିଥାଏ ବୋଲି ସୂଚନା ରହିଛି ।

## ପାଠକୀୟ

* ପ୍ରେମ ସାଶ୍ୱତ ଓ ସୁନ୍ଦର । ଏହା କାହାକୁ କେତେବେଳେ କେଉଁଠି ବି ହୋଇପାରେ । କିନ୍ତୁ ସଚ୍ଚା ପ୍ରେମ ସମସ୍ତଙ୍କ କପାଳରେ ନ ଥାଏ, ଏହା କେବଳ ଭାଗ୍ୟବାନ ଲୋକଙ୍କୁ ହିଁ ମିଳିଥାଏ । ତେଣୁ ସଚ୍ଚା ପ୍ରେମ ତଥା ନିଃସ୍ୱାର୍ଥପର ଭଲ ପାଇବା ପାଇଥିବା ସେମିତି କେତେଜଣ ଦମ୍ପତିଙ୍କ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରେମ ପାଇଁ ସବୁକିଛି 'ରୁ ପଢି ଭାରି ଖୁସି ଲାଗିଲା । 'ଘରର ଶିଡି କେଉଁଠି କରିବେ' ଏବଂ 'ଉପକାରୀ କାକୁଡି' ସମ୍ପର୍କରେ ବହୁ କଥା ଜାଣିହେଲା ।

**– ଜୟନ୍ତୀ ବିଶ୍ୱାଳ, ବାଦାମବାଡି, କଟକ**

* ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରେମ ପାଇଁ ସବୁକିଛି ' ଏକ ନିଆରା ଆଲେଖ୍ୟ ଥିଲା । ସେହିପରି ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ଅଭିନେତା ଅରବିନ୍ଦ ଓ ଅଭିନେତ୍ରୀ ଜ୍ୟାଙ୍କଲିନ୍‌ଙ୍କ ପ୍ରେମ କାହାଣୀ ବିଷୟରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ହେଲି ।

**–ଅବିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ–୨**

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଶୁଭ୍ରାଂଶୁ ଓ ବିଜନମାଳାଙ୍କ ପ୍ରେମ କହାଣୀ ସମ୍ପର୍କରେବହୁଅଜଣାକଥାଜାଣିବାକୁମିଳିବାରୁଖୁସିହେଲି । ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ୱୀକାରୋକ୍ତି ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା । ସେହିପରି ସିନେମା ପୃଷ୍ଠାଟି ଅତି ଆକର୍ଷଣୀୟ ଲାଗୁଥିଲା ଦେଖିବାକୁ ।

**– ତପନ କୁମାର ଚାନ୍ଦ, ପାରାଦ୍ୱୀପ**

* ପ୍ରେମର ପ୍ରତୀକ ସବୁ କ'ଣ କ'ଣ ସେ ବିଷୟରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ଛୁଟିଦିନରୁ ପଢିବାକୁ ମିଳିଲା । ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଜୟ ଚୌଧୁରୀଙ୍କ ପ୍ରଥମ ରୋଜଗାର ସମ୍ପର୍କରେ ନିଆରା କଥା ଜାଣିବାକୁ ମିଳିବାରୁ ଖୁସି ହେଲି ।

**– ସ୍ୱପ୍ନା ଚୌଧୁରୀ, ଭବାନୀପାଟଣା**

* ସହର ପୃଷ୍ଠାରୁ କେତେଗୁଡିଏ ଲଭର୍ସ ଡେଷ୍ଟିନେଶନ ସମ୍ପର୍କରେବହୁଅଜଣାକଥାଜାଣିବାକୁମିଳିବାରୁଖୁସିହେଲି । ମଡେଲ୍ ମିରର୍‌ରେ ରାଜ୍-ସାଧନା ବେଶ୍ ସୁନ୍ଦର ଲାଗୁଥିଲେ । ସାଥିର ଉତ୍ତରଗୁଡିକ ବି ରୋମାଣ୍ଟିକ୍ ଲାଗୁଥିଲା ।

**– ଦମୟନ୍ତୀ ବେହେରା, ରାଉରକେଲା**

* ଛୁଟିଦିନରେ ପ୍ରକାଶ ପାଇଥିବା ସମସ୍ତ ଲେଖା ଖୁବ୍ ସୁନ୍ଦର ହୋଇଥିଲା । ବିଶେଷ କରି ପ୍ରଚ୍ଛଦ ପ୍ରସଙ୍ଗ ଓ ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠା । ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା ।

**– ରାକେଶ ବଳିୟାର୍ ସିଂ, ମୟୂରଭଞ୍ଜ**




## ବିଶେଷ ଚିଠି

**ସ**ପ୍ତାହକୁ ଥରେ ତୁମେ ଆସ
ମନେ ଭରିଦିଅ ଖାଲି ହରସ ।
ଷୋହଳ ପୃଷ୍ଠାରେ ଆସିଥାଅ
କେତେ ନୂଆ କଥା ଶିଖାଇ ଯାଅ ।
ଭାରି ଭଲଲାଗେ ତୁମ ପ୍ରଚ୍ଛଦ ଓ ସିନେମା
ତା' ସାଙ୍ଗକୁ ପୁଣି ସାଥୀର କଥା ନୂଆ ।
ଭଗବାନଙ୍କ ପାଖେ କରୁଛି ମୀନତି
ସଦୟ ହୁଅନ୍ତୁ ତୁମକୁ ଏମିତି ।

**–ରତିକାନ୍ତ ସୁବୁଦ୍ଧି,
ଝାରପଡା, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ସେବା ପାଇଁ ସମର୍ପିତ









ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାର ପୋଷିବା ପାଇଁ କୌଣସି ନା କୌଣସି ବୃତ୍ତିରେ ଥାଆନ୍ତି। କିନ୍ତୁ ଏମିତି କେତେଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପେସାରେ ଥାଇ ବି ବଳକା ସମୟରେ ଜନସେବାକୁ ଜୀବନର ବ୍ରତ ବୋଲି ମନେକରି ନିଜସ୍ୱ ଉଦ୍ୟମରେ କିଛି ନିଆରା କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି...

**ଅଟୋରିକ୍ସାରେ ମାଗଣା ପରିବହନ–** ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଭୁବନେଶ୍ୱରକୁ ବିଭିନ୍ନ କାମରେ ଆସୁଥିବା ବିଭିନ୍ନବର୍ଗର ଲୋକମାନେ ରାଜଧାନୀର ରାଜରାସ୍ତାରେ ନାନା ପ୍ରକାରର ଯାନବାହନରେ ଯାତାୟାତ କରିଥାନ୍ତି। ଏହି ସମୟରେ କେହି କେହି ହୁଏତ ଦେଖିଥିବେ ଗୋଟିଏ ଅଟୋରିକ୍ସାକୁ। ଯେଉଁ ଅଟୋରିକ୍ସାରେ ଲେଖାଥାଏ–ଭିନ୍ନକ୍ଷମଙ୍କୁ ଏଥିରେ ଯିବା ସମ୍ପୂର୍ଣ୍ଣ ମାଗଣା । ତା'ସହ ଅଟୋରିକ୍ସାର ପଛପଟେ ଲେଖା ହୋଇଥାଏ 'ସେବା ହିଁ ସ୍ୱର୍ଗ'। କେବଳ ଅନ୍ଧ, ମୂକ ଓ ବଧିର ଆଦି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସେ ତାଙ୍କର ଅଟୋରିକ୍ସାରେ ମାଗଣାରେ ନେଇଥାନ୍ତି। ସେ ହେଲେ ପ୍ରଭାତ ପ୍ରଧାନ। ସେ କୁହନ୍ତି, ସ୍କୁଲରେ ମାତ୍ର ୫ମ ଶ୍ରେଣୀଯାଏ ପଢ଼ିଛି। ସମୟ କ୍ରମେ ପରିବାର ଚଳେଇବା ପାଇଁ ପ୍ରଥମେ ଶହୀଦନଗରଠାରେ ଏକ ପାନଦୋକାନ କିଛିଦିନ କରିଥିଲି। ଆର୍ଥିକ ଅଭାବ ଯୋଗୁ ସାଇକେଲରେ ବୁଲିବୁଲି କେବଳ ଦୋକାନିଆମାନଙ୍କୁ ପାନ ଯୋଗାଉଥିଲି। ଏଥିରୁ ଯାହା ରୋଜଗାର ମିଳୁଥିଲା ସେଥିରେ ପରିବାର ଚଳିଲା। ସମୟକ୍ରମେ ଏକ ଅଟୋରିକ୍ସା କରି ଚାଳକ ହୋଇ ସେହି ଅଟୋରିକ୍ସାକୁ ଚଳାଇଲି। ସେଥିରେ ପରିବାରର ଗୁଜୁରାଣ ମେଣ୍ଟାଉଥିଲି। କିନ୍ତୁ ଅଟୋରିକ୍ସା ଧରି ରାସ୍ତାରେ ଗଲାବେଳେ ଯଦି କେହି ଭିନ୍ନକ୍ଷମ ବ୍ୟକ୍ତି କେଉଁସ୍ଥାନକୁ ଯିବାକୁ ଅପେକ୍ଷା କରୁଥିବା ଦେଖୁଥିଲି ତାଙ୍କୁ ସେଠାରୁ ଅଟୋରିକ୍ସାରେ ବସାଇ ଗନ୍ତବ୍ୟ ସ୍ଥାନରେ ସୁବିଧାରେ ପହଞ୍ଚାଇବାରେ ସାହାଯ୍ୟ କରୁଥିଲି। ଏଥିପାଇଁ କୌଣସି ଭିନ୍ନକ୍ଷମ ବ୍ୟକ୍ତିଙ୍କଠାରୁ କେବେ ପଇସାଟିଏ ନେଇନାହିଁ। ବରଂ ସେମାନଙ୍କୁ ମାଗଣାରେ କିଛି ସାହାଯ୍ୟ କରିପାରୁଥିବାରୁ ମତେ ଆନନ୍ଦ ମିଳିଲା। ତେଣୁ ଏହି ଧାରା ଜାରି ରଖିଲି। ଏଥିପାଇଁ ଅନେକଥର ଅନ୍ୟମାନଙ୍କ ଆକ୍ରୋଶର ଶିକାର ହୋଇଛି, ବହୁ ଉପହାସ ଶୁଣିଛି କିନ୍ତୁ ମୋର ଏହି କାମକୁ କେବେ ବନ୍ଦ କରିନାହିଁ। ଦୀର୍ଘ ୮ବର୍ଷ ମଧ୍ୟରେ ପ୍ରାୟ ୭ଶହ ଭିନ୍ନକ୍ଷମ ଏବଂ ଶତାଧିକ ଅସହାୟ ଲୋକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଅଟୋରିକ୍ସାରେ ବସାଇ ନେବାରେ ସାହାଯ୍ୟ କରିପାରିଛି। ଅଧିକାଂଶ ସମୟ ରସୁଲଗଡ଼ ଛକ, କୋଟିଲେଇ ହାଟ ଛକ ଓ ଫୁଲନଖରା ଛକରେ ଅଟୋରିକ୍ସାକୁ ଚଳାଚଳ କରିଥାଏ। ଯେତେଦିନ ଯାଏ ମୋ ଅଟୋରିକ୍ସା ଚାଲୁ ରହିଥିବ ଏମିତି ସେବା ଚାଲୁ ରହିଥିବ।

**ଗାଁରେ ରୋଗୀଙ୍କୁ ମାଗଣା ସେବା**–ସେ କୌଣସି ମେଡ଼ିକାଲ କଲେଜରୁ ଚିକିତ୍ସା ସମ୍ପର୍କିତ ପାଠ ପଢିନାହାନ୍ତି କି ଚିକିତ୍ସାରେ ଡିଗ୍ରୀ ହାସଲ କରି ନାହାନ୍ତି କିମ୍ବା କୌଣସି ଜଣାଶୁଣା ଚିକିତ୍ସକ ନୁହନ୍ତି। ସେ ଜଣେ ସାଧାରଣ ଗାଉଁଲି ଲୋକ। ୯ମ ଯାଏ ପଢିଛନ୍ତି। ଦିନଥିଲା ଯେତେବେଳେ ସେ କଟକରେ ରହୁଥିଲେ ସେଠାରେ ସେ କବିରାଜ ରବି ମିଶ୍ର ଓ ଲକ୍ଷ୍ମଣ ମିଶ୍ରଙ୍କୁ ସାକ୍ଷାତ କରିଥିଲେ ଏବଂ ତାଙ୍କୁ ଗୁରୁଭାବେ ମାନି ତାଙ୍କଠାରୁ ଆୟୁର୍ବେଦିକ ଦେଶୀୟ ଚିକିତ୍ସା ସମ୍ପର୍କିତ କିଛି ବିଦ୍ୟା ହାସଲ କରିଥିଲେ। ସେହି ଦେଶୀ ଚିକିତ୍ସାକୁ ଲୋକଙ୍କ ସେବାରେ ଲଗାଇବା ପାଇଁ ତାଙ୍କ ମନରେ ଉତ୍କଣ୍ଠା ରହିଥିଲା। ମାତ୍ର ଯେତେବେଳେ ସେ ନିଜ ଗାଁକୁ ଫେରିଲେ ସେ ଜାଣିଥିବା ଦେଶୀୟ ଚିକିତ୍ସାକୁ କାର୍ଯ୍ୟକାରୀ କରିଥିଲେ। ସେ ହେଲେ ନୟାଗଡ଼ ଜିଲା ଭାବପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ଗ୍ରାମପଞ୍ଚାୟତ ବୋରଗାଁର ଗୋପାଳ ବାରିକ। ସେ କୁହନ୍ତି, 'ଲକ୍ଷ୍ମଣ ମିଶ୍ରଙ୍କ ଔଷଧୀୟ ବହିକୁ ପଢି ଆମ ଗାଁ ନିକଟସ୍ଥ ଜଙ୍ଗଲରୁ କେତେକ ଚେରମୂଳି ସଂଗ୍ରହ କରିଥିଲି। ସେଥିରେ ଔଷଧ ପ୍ରସ୍ତୁତ କରି ରୋଗୀଙ୍କୁ ଦେଇଥିଲି, ଯେଉଁଥିରେ ରୋଗୀ ଯନ୍ତ୍ରଣାରୁ ଉପସମ ପାଇଥିଲେ। ବିଶେଷ କରି ଅର୍ଶ, ମଳକଣ୍ଟକ ଓ ଦାନ୍ତ ରୋଗୀଙ୍କ ପାଇଁ କେତେକ ଦେଶୀୟ ଔଷଧ ତିଆରି କରିଥିଲି। ଏମିତିରେ ପ୍ରାୟ ୧୨ବର୍ଷ ଧରି ମାଗଣାରେ ରୋଗୀଙ୍କ ସେବା କରି ଆନନ୍ଦ ପାଉଛି। କିନ୍ତୁ ଏଥିପାଇଁ କାହାରିଠାରୁ କେବେ ଟଙ୍କାଟିଏ ବି ମାଗେ ନାହିଁ କି ଦାବି କରିନାହିଁ ବରଂ ନିଜ ପରିବାର ଚଳିବା ପାଇଁ ମୋ ନିଜର କୌଳିକ ବୃତ୍ତିକୁ ଆପଣେଇଛି। ଏଯାଏ ପ୍ରାୟ ୨ହଜାର ରୋଗୀ ଉପଶମ ହେଲେଣି। ବଳକା ସମୟରେ ଗାଁ ନିକଟସ୍ଥ ସାହାସପୁର ଜଙ୍ଗଲକୁ ଯାଇ ସେଠାରୁ ବିଭିନ୍ନ ବୃକ୍ଷଲତାର ଚେରମୂଳକୁ ସଂଗ୍ରହ କରିବାକୁ ପଡ଼ିଥାଏ। ବିନା ଅର୍ଥରେ ଗରିବରୋଗୀଙ୍କୁ ସେବା ଯୋଗାଉଥିବାରୁ ମତେ ଅପାର ଆନନ୍ଦ ମିଳିଥାଏ। ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ଯୋଗୁ ଚିକିତ୍ସା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଛି। ତେବେବି ଆୟୁର୍ବେଦ ଉପରେ ଲୋକଙ୍କର ବିଶ୍ୱାସ ରହିଛି। ରୋଗୀମାନେ ଏହାଦ୍ୱାରା ବିଭିନ୍ନ ରୋଗରୁ ଉପଶମ ହୋଇପାରୁଛନ୍ତି। ତେଣୁ ଆୟୁର୍ବେଦିକ ଦେଶୀୟ ଚିକିତ୍ସା ପ୍ରତି ଗାଁରେ ଲୋକଙ୍କ ଚାହିଦା ରହିଛି। ମାତ୍ର ଅନ୍ଧବିଶ୍ୱାସ ସମ୍ପର୍କରେ ଜନସଚେତନତାର ଆବଶ୍ୟକତା ରହିଛି।

→





**ହୋଟେଲରେ ରୋଗୀଙ୍କୁ ମାଗଣା ଖାଦ୍ୟ ମିଳେ–** ସାଧାରଣତଃ କୌଣସି ସ୍ଥାନରେ ଯଦି ହୋଟେଲ ଥାଏ ତେବେ ସେଠାରେ ହୁଏତ ଜଳଖିଆ କିମ୍ବା ଭୋଜନ ମିଳିବାର ସୁବ୍ୟବସ୍ଥା ହୋଇଥାଏ। ତେବେ ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା ଅବା ନେବାକୁ ହେଲେ ଗରାଖଙ୍କୁ ସେହି ନିର୍ଦ୍ଦିଷ୍ଟ ଖାଦ୍ୟ ପାଇଁ ଉଚିତ ମୂଲ୍ୟ ଦେବାକୁ ପଡ଼ିଥାଏ। ମାତ୍ର ଓଡ଼ିଶାରେ ଏମିତି ଗୋଟିଏ ହୋଟେଲ ରହିଛି, ଯେଉଁଠି ରୋଗୀ ଓ ଗରିବ ଅସହାୟଙ୍କୁ ମାଗଣାରେ ଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି ସେହି ହୋଟେଲର ମାଲିକ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଗୋଲାମୁଣ୍ଡା ପଞ୍ଚାୟତର ଶିମିଳା ଛକରେ ରହିଛି ଶୁଭମ୍ ହୋଟେଲ। ସ୍ଥାନୀୟ ଅଞ୍ଚଳରେ ଏହି ହୋଟେଲ ବେଶ୍ ଜଣାଶୁଣା। ଏହି ହୋଟେଲ ମାଲିକ ସୁରେନ୍ଦ୍ର ନାଥ ପ୍ରଧାନ କୁହନ୍ତି – ରୋଜଗାର ଉଦ୍ଦେଶ୍ୟରେ ହୋଟେଲଟିଏ ଆରମ୍ଭ କରିଥିଲି। ମାତ୍ର କିଛି ଦିନପରେ ଚିନ୍ତାକଲି କେତେଜଣ ଅସହାୟ ଗରିବ ଲୋକ ଓ ରୋଗୀଙ୍କୁ ମୋ ସାଧ୍ୟ ମତେ ପ୍ରତିଦିନ ସମ୍ପୂର୍ଣ୍ଣ ମାଗଣାରେ ଭୋଜନ କରାଇବି। ପ୍ରତିଦିନ ମୋ ହୋଟେଲ ପାଖ ରାସ୍ତା ଦେଇ ଅନେକ ଲୋକ ଯାତାୟାତ କରିଥାନ୍ତି। କୌଣସି ରୋଗୀ ଯଦି ଏଠାକୁ ଖାଦ୍ୟ ଖାଇବାକୁ ଆସିଥାନ୍ତି ସେମାନଙ୍କୁ ମୁଁ ମାଗଣାରେ ଖାଇବା ବ୍ୟବସ୍ଥା କରାଇଥାଏ। ପ୍ରାୟ ୫ବର୍ଷ ତଳୁ ସଙ୍କଳ୍ପ କରିଥିଲି ଏମିତି ସେବା କରିବି ବୋଲି। ଏହି ସଙ୍କଳ୍ପ ରକ୍ଷା କରି ପ୍ରାୟ ୫ବର୍ଷ ମଧ୍ୟରେ ୫ହଜାରରୁ ଅଧିକ ରୋଗୀଙ୍କୁ ବିନାମୂଲ୍ୟରେ ଖାଦ୍ୟ ଯୋଗାଇ ଆସୁଛି। ରୋଗୀଙ୍କୁ ମାଗଣାରେ ଖାଦ୍ୟ ଦେବା ବ୍ୟତୀତ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଖୁବ କମ ଟଙ୍କାରେ ଖାଦ୍ୟ ଦେବାର ବ୍ୟବସ୍ଥା କରିଛି। ଏମିତିରେ ବିଳମ୍ବିତ ରାତିରେ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଚାଳକଙ୍କ ପାଇଁ କିଛି ପରିମାଣରେ ଖାଦ୍ୟ ସାଇତି ରଖିଥାଏ। ପୁଣି ଗାଁରେ ଯଦି କାହାରି ଦେହ ଖରାପ ହୁଏ ନିଜ ସାଧ୍ୟମତେ ସାହାଯ୍ୟ ସହଯୋଗ କରିବାରେ ମତେ ମାନସିକ ଶାନ୍ତି ମିଳିପାରୁଛି।

**ଶିକ୍ଷୟିତ୍ରୀଙ୍କ ମାସକର ଦରମା ଗରିବ ଲୋକଙ୍କ ସେବାରେ–**

ସେ ଜଣେ ଶିକ୍ଷୟିତ୍ରୀ, ମାତ୍ର ଶିକ୍ଷାଦାନ ବ୍ୟତୀତ ଗରିବ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିବାରେ ସେ ଆନନ୍ଦ ପାଇଥାନ୍ତି। ପ୍ରତିବର୍ଷ ତାଙ୍କର ଏକ ମାସର ଦରମା ଟଙ୍କାକୁ ସେ ଅସହାୟଙ୍କୁ ଦାନ କରିଥାନ୍ତି। ସେବାକୁ ବ୍ରତଭାବେ ଗ୍ରହଣ କରିଥିବା ସେହି ମହିଳା ଜଣକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ବେଙ୍ଗସର ଗ୍ରାମର ସନତ କୁମାର ପ୍ରଧାନଙ୍କ ପତ୍ନୀ ସଚଳା ନାୟକ। ବର୍ତ୍ତମାନ ସେ କୁଡୁତାଇ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସେ କୁହନ୍ତି, ସ୍କୁଲ ବୟସରୁ ସତ୍ୟସାଇ ବାଲବିକାଶରୁ ସେବା ପାଇଁ ଅନୁପ୍ରାଣିତ ହୋଇଥିଲି। ଅନ୍ୟମାନଙ୍କୁ କିଛିକିଛି ଦାନ ଓ ସାହାଯ୍ୟ କରିବା ମୋର ଅଭ୍ୟାସ ରହିଛି। ମାତ୍ର ଜଣେ ଶିକ୍ଷୟିତ୍ରୀ ଭାବେ ଚାକିରି କରିବା ପରେ ବର୍ଷକର ଦରମା ମଧ୍ୟରୁ ଗୋଟିଏ ମାସର ଦରମା ଟଙ୍କା ଗରିବ ଅସହାୟ ଲୋକଙ୍କୁ ସାହାଯ୍ୟ କରିଥାଏ। କିଛିଦିନ ତଳେ କେତୋଟି ଶିତବସ୍ତ୍ର କିଣି କୁଡୁତାଇ, ବେଙ୍ଗସର, ଚଞ୍ଚରାପଲ୍ଲୀ, ଘାଟିପଲ୍ଲୀ ଓ ଖାଲିଆ ଗ୍ରାମର ଗରିବ ଅସହାୟ ଲୋକଙ୍କୁ ବାଣ୍ଟିଥିଲି। ଏମିତି କାର୍ଯ୍ୟରେ ମତେ ଖୁସୀ ମିଳେ, ମୋ ପରିବାରର ସହଯୋଗ ବି ଏଥିରେ ରହିଛି। ଏହା ନରନାରାୟଣଙ୍କ ସେବା ବୋଲି ମୁଁ ମନେ କରେ, ଯେଉଁଥିରୁ ଅନ୍ୟମାନଙ୍କ ଆଶୀର୍ବାଦ ମିଳିବ।


ପ୍ରଭାତ ପ୍ରଧାନ


ସୁରେନ୍ଦ୍ର ନାଥ ପ୍ରଧାନ


ଗୋପାଳ ବାରିକ


ସ୍ମୃତିରଞ୍ଜନ ସେଠୀ


ସଚଳା ନାୟକ


ଭରତ ଚନ୍ଦ୍ର ସାହୁ

**ଚା ଦୋକାନୀଙ୍କ ମାଗଣା ସେବା–** ସେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ନୁହନ୍ତି କି କୌଣସି ପ୍ରଭାବଶାଳୀ ବ୍ୟକ୍ତି ନୁହନ୍ତି। ଜଣେ ସାଧାରଣ ଚା ଦୋକାନୀ। ସାଦାସିଧା ଲୋକ। ତାଙ୍କ ନାଁ ଭରତ ଚନ୍ଦ୍ର ସାହୁ। ଘର ଖୋର୍ଦ୍ଧା ଜିଲ୍ଲାର ବାଜପୁର ଗ୍ରାମରେ। ପ୍ରାୟ ୧୯୫୫ ମସିହାଠାରୁ ସେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ପରିସର ସମ୍ମୁଖରେ ଏକ ଚା ଦୋକାନ କରିଛନ୍ତି। ଏହି ଦୋକାନରୁ ଯାହା ରୋଜଗାର ହୁଏ, ସେଥିରେ ତାଙ୍କର ପରିବାର ପ୍ରତିପୋଷଣ କରିଥାଆନ୍ତି। ତେବେ ପିଲାଟି ଦିନରୁ ଅନ୍ୟଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ତାଙ୍କର ଥିଲା। ତେଣୁ ସେ ଜନସେବା କର୍ମ କରି ଚାଲିଛନ୍ତି ଓ ନିଜର ଭିନ୍ନ ଏକ ପରିଚୟ ସୃଷ୍ଟି କରିଛନ୍ତି। ସେ କୁହନ୍ତି, 'ମାନବ ସେବା ହିଁ ମାଧବ ସେବା। ଚା ଦୋକାନ ଦେଇଥିଲେ ବି ସବୁବେଳେ ମୋ ମନ ଅସହାୟ ଗରିବ ଓ ରୋଗୀଙ୍କ ଦୁଃଖରେ ଆନ୍ଦୋଳିତ ହୋଇଥାଏ। ତେଣୁ ମୋ ସାମର୍ଥ୍ୟ ଅନୁସାରେ କେତେକ ଗରିବ ଅସହାୟ ରୋଗୀଙ୍କୁ କିଛି ଖାଦ୍ୟ, କିଛି ଅର୍ଥ, ଏପରିକି ବେଳେବେଳେ କେତେକ ଲୁଗା କିଣି ପ୍ରଦାନ କରିଥାଏ। ଏମିତି କାମରେ ଭଗବାନ୍‌ଙ୍କ କୃପା ମିଳେ ବୋଲି ମୁଁ ମନେ କରେ। ହସ୍ପିଟାଲକୁ ଆସୁଥିବା ଅନେକ ଅସହାୟ ରୋଗୀଙ୍କ ପାଇଁ ଅନେକ ସମୟରେ ମାଗଣାରେ ପିଇବା ପାଇଁ ଗରମ ପାଣିର ବ୍ୟବସ୍ଥା କରିଥାଏ। ପୁଣି କାହାକୁ କ୍ଷୀର ବି ଯୋଗାଡ଼ କରି ଦେବାର ବ୍ୟବସ୍ଥା କରିଥାଏ। ମେଡିକାଲକୁ ଆସୁଥିବା କୌଣସି ଅସହାୟ ଗରିବ ଲୋକଙ୍କ କିଛି ଅସୁବିଧା ଖବର କାନରେ ପଡ଼ିଲେ ମନ ଅଥୟ ହୋଇପଡ଼େ। ପାରୁପର୍ଯ୍ୟନ୍ତ ତାଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥାଏ। ଏଥିପାଇଁ କାହାଠାରୁ କେବେ ଟଙ୍କାଟିଏ ନିଏ ନାହିଁ, ବରଂ ଆବଶ୍ୟକ ସ୍ଥଳେ ମୋ ଦ୍ୱାରା ଯେତିକି ସମ୍ଭବ, ସେତିକି ଆର୍ଥିକ ସହାୟତା ପ୍ରଦାନ କରି ନିଜକୁ ଧନ୍ୟ ମନେ କରିଥାଏ।

**ମାଗଣାରେ ରୋଗୀ ରହିବା ଓ ଖାଦ୍ୟ ବ୍ୟବସ୍ଥା କରିଥାଉ**

ସେ ଜଣେ ଏମ୍‌ବିଏ ଛାତ୍ର। ମାତ୍ର ନିଶା ତାଙ୍କର ଅସହାୟ, ଗରିବ ରୋଗୀଙ୍କୁ ସାହାଯ୍ୟ କରିବା। ସେ ହେଲେ ସ୍ମୃତିରଞ୍ଜନ ସେଠୀ। ସେ କୁହନ୍ତି, ପ୍ରାୟ ୬୦ଜଣ ସାଙ୍ଗ ଏକାଠି ହୋଇ ଗଠନ କରିଛୁ ଏକ ସାମାଜିକ ଅନୁଷ୍ଠାନ, ଯାହାର ନାଁ ସମ୍ପ୍ରିତି ସେବା। ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ଭଲ ଚିକିତ୍ସା ସେବା ପାଇବା ପାଇଁ ବହୁ ଦୂରଦୂରାନ୍ତରୁ ଅନେକ ରୋଗୀ ଆସିଥା'ନ୍ତି। କୌଣସି ଅସହାୟ କିମ୍ବା ରୋଗୀ ଯେପରି ଠିକ ସମୟରେ ଚିକିତ୍ସକଙ୍କୁ ସାକ୍ଷାତ୍ କରି ତାଙ୍କ ପରାମର୍ଶ ନେଇପାରିବେ ସେ ସୁବିଧା ଆମେ କରିଥାଉ। ଯଦି କୌଣସି କାରଣରୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ କିଛି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନଙ୍କ ସୁବିଧା ନିମନ୍ତେ ଏହି ହସ୍ପିଟାଲ ନିକଟରେ ମାଗଣାରେ ରହିବା ଏବଂ ଖାଦ୍ୟର ବ୍ୟବସ୍ଥା ବି କରିଛୁ। ଏଥିରେ କେତେଜଣ ସେବା ମନୋଭାବ ରଖିଥିବା ଯୁବକ ଯୁବତୀ ବୁଝାଶୁଝା କରିଥା'ନ୍ତି। ସେମାନଙ୍କର ସବୁ ପ୍ରକାରର ସୁବିଧା କରିବାକୁ ଆମେ ପ୍ରୟାସ କରୁ। ପ୍ରତି ରବିବାର ପ୍ରାୟ ୧୫୦ରୁ ୨୦୦ ଲୋକଙ୍କ ପାଇଁ ମାଗଣାରେ ଖାଦ୍ୟ ବଣ୍ଟନ କରିଥାଉ। ପୁଣି କୌଣସି ରୋଗୀଙ୍କ ପାଇଁ ଦରକାର ପଡୁଥିବା ରକ୍ତକୁ ମାଗଣାରେ ସଂଗ୍ରହ କରି ଦାନ କରିଥାଉ। ଏହିସବୁ କାମ ପାଇଁ ଅନୁଷ୍ଠାନର ସବୁ ସଦସ୍ୟ ତଥା ସାଙ୍ଗମାନେ ନିଜସ୍ୱ ଉଦ୍ୟମରେ ନିଜ ନିଜର ପକେଟ ମନିରୁ କିଛି କିଛି ଦାନ କରି ସଞ୍ଚୟ କରିଥାଉ। ଆଉ ସେଇ ଅର୍ଥକୁ ଏହିଭଳି ଜନସେବାରେ ଲଗାଇଥାଉ। ଏପରି ସେବା କାର୍ଯ୍ୟ କରି ନିଜକୁ ଆମେ ଧନ୍ୟ ମନେକରିଥାଉ।

ସମାଜରେ ଅସହାୟ, ଗରିବ, ଦୁଃସ୍ଥ ରୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ସେବା ଯୋଗାଉଥିବା ତଥା ଖାଦ୍ୟ, ବସ୍ତ୍ର, ପରିବହନ ସେବା ତ କେବେ ରକ୍ତଦାନ ଓ ଆର୍ଥିକ ସହାୟତା ଯୋଗାଉଥିବା ଅନେକ ସହୃଦୟ ବ୍ୟକ୍ତି ଅଛନ୍ତି। ସେଇଥିପାଇଁ ତ ଆଜି ବି ସମାଜରେ ମାନବିକତା ଜୀବିତ ଅଛି ବୋଲି ମନେ ହୁଏ।

**– ବନବିହାରୀ ବେହେରା**



# ରୁଦ୍ରାକ୍ଷ





**କୁହାଯାଏ, ଜନ କଲ୍ୟାଣ ପାଇଁ ଭଗବାନ ଶଙ୍କର ନିଜ ଅଶ୍ରୁରୁ ରୁଦ୍ରାକ୍ଷକୁ ଉତ୍ପନ୍ନ କରିଥିଲେ। ତେଣୁ ବିଶ୍ୱାସ ରହିଛି ଯେ, ଯେଉଁ ବ୍ୟକ୍ତି ଶରୀରରେ ରୁଦ୍ରାକ୍ଷ ଧାରଣ କରିଥାନ୍ତି ତାଙ୍କୁ ଦେବ ଦେବ ମହାଦେବଙ୍କର କରୁଣା ପ୍ରାପ୍ତି ହେବା ସହ ଐଶ୍ୱର୍ଯ୍ୟ ଲାଭ ହୋଇଥାଏ। କିନ୍ତୁ ଏଥିପାଇଁ ନିଷ୍ଠାର ସହ କିଛିଟା ନିୟମ ମାନିବାକୁ ପଡିଥାଏ...**






ପ୍ରାଚୀନକାଳରୁ ହିଁ ରୁଦ୍ରାକ୍ଷ ଧାରଣ କରିବାକୁ ଏକ ମହତ୍ତ୍ୱପୂର୍ଣ୍ଣ ତଥା ବିଶେଷ କାର୍ଯ୍ୟ ବୋଲି କୁହାଯାଇଥାଏ। ଏହାର ମହାନ୍ ଉପଚାର ତଥା ବୈଜ୍ଞାନିକ ଗୁଣ ସକାଶେ ଏହା ନା କେବଳ ଅନେକ ରୋଗ ଦାଉରୁ ଆମକୁ ରକ୍ଷା କରିଥାଏ; ଅଧିକନ୍ତୁ ଆମ ଶରୀର ଉପରେ ବହୁ ଉତ୍ତମ ପ୍ରଭାବ ମଧ୍ୟ ପକାଇଥାଏ। ଫ୍ଲୋରିଡ଼ା ଇଣ୍ଟର ନ୍ୟାସନାଲ୍ ୟୁନିର୍ଭର୍ସିଟିର ବୈଜ୍ଞାନିକମାନଙ୍କ ମତାନୁସାରେ, ରୁଦ୍ରାକ୍ଷ ଧାରଣ କରିବା ମସ୍ତିଷ୍କ ପାଇଁ ଖୁବ୍ ଉପକାରୀ ହୋଇଥାଏ। ତେବେ ରୁଦ୍ରାକ୍ଷର ଆଉ କ'ଣ ସବୁ ଉପକାରୀ ଗୁଣ ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...

* ଚିନ୍ତାଶୀଳ ଜୀବନଶୈଳୀ ପାଇଁ ଅନେକ ସମୟରେ ଲୋକେ ରୋଗାଗ୍ରସ୍ତ ହୋଇପଡିଥାନ୍ତି। ଏଭଳି କ୍ଷେତ୍ରରେ ଶରୀରରେ ରୁଦ୍ରାକ୍ଷ ଧାରଣ କଲେ; ଏହା ଆମ ମସ୍ତିଷ୍କକୁ ସ୍ଥିର ରଖିବାରେ ବିଶେଷ ସାହାଯ୍ୟ କରିଥାଏ ଏବଂ ଆମ ହୃଦୟ ଓ ଇନ୍ଦ୍ରିୟ ଉପରେ ଏହା ଅନେକ ସୁପ୍ରଭାବ ପକାଇ ଉକ୍ତ ସମସ୍ୟାରୁ ଆମକୁ ଶୀଘ୍ର ମୁକ୍ତି ଦେଇଥାଏ। କୁହାଯାଏ, ଶରୀରରେ ରୁଦ୍ରାକ୍ଷର ମାଳା ପିନ୍ଧିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହୋଇଥାଏ; ଯଦ୍ଦ୍ୱାରା ହୃଦ୍‌ଘାତ ଓ ଉଚ୍ଚ ରକ୍ତଚାପ ସମସ୍ୟାରୁ ସହଜରେ ରକ୍ଷା ପାଇହୁଏ ବୋଲି ବିଶ୍ୱାସ ରହିଛି।
* ସେହିପରି ଆଉ କେହି କେହି କୁହନ୍ତି, ଶରୀରରେ ରୋଗପ୍ରତିରୋଧ ଶକ୍ତି ବୃଦ୍ଧି କରାଇବାରେ ବି ରୁଦ୍ରାକ୍ଷର ଅନେକ ଭୂମିକା ରହିଥାଏ।







* ଶରୀରରେ ରୁଦ୍ରାକ୍ଷ ଧାରଣ କଲେ ଏହା ଆମ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ଏବଂ ମନକୁ ଶାନ୍ତ ରଖିବାରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ। ତା'ଛଡ଼ା ଏହା ନକାରାତ୍ମକ ଉର୍ଜ୍ଜାକୁ ନଷ୍ଟ କରି ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରିବାରେ ବି ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ।
* କୁହାଯାଏ, ଯେତେବେଳେ ଆମେ ଶାରୀରିକ ହେଉ ଅବା ମାନସିକ ସ୍ତରରେ ଚିନ୍ତାଗ୍ରସ୍ତ ହୋଇଥାଉ, ସେତେବେଳେ ଶରୀରରୁ ଅଧିକ ଉର୍ଜ୍ଜା ଉତ୍ପନ୍ନ ହୋଇଥାଏ। ଆଉ ଏହି ଉର୍ଜ୍ଜାକୁ ଶୀଘ୍ର ନଷ୍ଟ କରା ନ ଗଲେ, ଏହା ରକ୍ତଚାପ, ଚିନ୍ତା ତଥା ଅବସାଦ ଜନିତ ସମସ୍ୟାକୁ ଅଧିକ ବଢାଇ ଦେଇଥାଏ। ଏଭଳି କ୍ଷେତ୍ରରେ ଶରୀରରେ ରୁଦ୍ରାକ୍ଷର ମାଳା ପିନ୍ଧିଲେ ଏହା ଧୀରେ ଧୀରେ ଆମ ଭିତରେ ଥିବା ସେହି ଖରାପ ଉର୍ଜ୍ଜାକୁ ନଷ୍ଟ କରି ଆମକୁ ମାନସିକ ସ୍ତରରେ ଶାନ୍ତି ପ୍ରଦାନ କରିଥାଏ।

ଖାସ୍ ଏହିସବୁ କାରଣ ପାଇଁ ବିଶେଷକରି ସାଧୁସନ୍ଥମାନେ ଶରୀରରେ ରୁଦ୍ରାକ୍ଷର ମାଳା ଧାରଣ କରିଥାନ୍ତି। କିନ୍ତୁ ଏବେ ଦେଖିବାକୁ ମିଳୁଛି ଧୀରେଧୀରେ ଯୁବପିଢି ବି ଏଥିପ୍ରତି ଆକର୍ଷିତ ହେଲେଣି। ଆଉ ତାହାକୁ ଲକ୍ଷ୍ୟକରି ମାର୍କେଟ୍‌ରେ ବି ବର୍ତ୍ତମାନ ରୁଦ୍ରାକ୍ଷର ଅନେକ ସୁନ୍ଦର ସୁନ୍ଦର ମାଳା, ବ୍ରେସ୍‌ଲେଟ୍, ଇୟର ରିଂ, ଫିଙ୍ଗର୍ ରିଂ ଆଦି ମିଳିଲାଣି। ଏପରିକି ଅନେକ ଆର୍ଟିଫିସିଆଲ୍ ରୁଦ୍ରାକ୍ଷ ଅର୍ନାମେଣ୍ଟ ବି ଏବେ ମିଳୁଥିବା ଦେଖିବାକୁ ମିଳୁଛି। ତେବେ ସେ ଯାହା ବି ହେଉ, ବିଶ୍ୱାସ ରହିଛି ଯେ ସୁଧପୂତ ହୋଇ ଶରୀରରେ ରୁଦ୍ରାକ୍ଷ ଧାରଣ କଲେ ଏହାର ଅନେକ ସୁଫଳ ମିଳିଥାଏ; ନଚେତ୍ ଏହାକୁ ଅବମାନନା କଲେ ଫଳ ଓଲଟା ବି ମିଳିପାରେ।

# କବିତାର ଦୀପ୍ତ ଦୀପ କବି ପ୍ରଦୀପ





୧୪ ସେପ୍ଟେମ୍ବର ୧୯୫୫ ମସିହାରେ ସମ୍ବଲପୁର ଜିଲ୍ଲାର ଡଙ୍ଗରପଡା ଗ୍ରାମରେ ପ୍ରଫେସର ପ୍ରଦୀପ କୁମାର ପଣ୍ଡାଙ୍କ ଜନ୍ମ। ସମକାଳର ଜଣେ ପ୍ରଖର କବି ଯେକି ଆଂଗିକ ଓ ଆତ୍ମିକ ପରୀକ୍ଷା ଜାରି ରଖିଥାନ୍ତି କବିତାରେ। ଜୀବନ ଯାହା ନୁହେଁ ଓ ଯାହା ହୋଇପାରନ୍ତା, ତାକୁ କବିତାରେ ଅଭିମନ୍ତ୍ରିତ କରିବାର ଆୟୋଜନ ତାଙ୍କୁ ଜଣେ ଦାର୍ଶନିକ କବିର ମାନ୍ୟତା ଦିଏ । ଧ୍ୱନୀଗୁଣ ଯୋଗୁଁ ତାଙ୍କ କବିତା ପାଠକ ହୃଦୟରେ ତୁରନ୍ତ ଛାପ ପକେଇବାରେ ସମର୍ଥ ହୋଇଥାଏ । ତେବେ ଜୀବନର ସମଗ୍ରତାର ଅନ୍ୱୟ ପାଇଁ ତାଙ୍କ କବିତାରେ ଏକ ପ୍ରଚ୍ଛନ୍ନ ଅନ୍ତଃସ୍ରୋତ ଥିବାର ସ୍ପଷ୍ଟ ବାରି ହୋଇପଡ଼େ । ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା ସୌଭାଗ୍ୟ କୁମାର ମିଶ୍ରଙ୍କ ସମ୍ପାଦିତ 'ଆସନ୍ତାକାଲି' (୧୯୭୪) ପତ୍ରିକାରେ। ତା'ର ଦୀର୍ଘ ତିରିଶ ବର୍ଷ ପରେ ୨୦୦୪ ମସିହାରେ ପ୍ରକାଶ ପାଏ ତାଙ୍କର ପ୍ରଥମ କବିତା ସଂକଳନ 'କାକପଦ'। କବିତାର କଳାତ୍ମକତାରେ ସ୍ୱକୀୟ ସୌଷ୍ଠବ ପ୍ରତି ବେଶ୍ ସଚେତନ ପ୍ରଦୀପ ଲେଖାରେ ଶବ୍ଦ ଚୟନ ଓ ବସାଣରେ ଯଥେଷ୍ଟ ମିତବ୍ୟୟୀ । କାକପଦ, ସମୁଦ୍ର ଫମୁଦ୍ର ସବୁ କିମ୍ବଦନ୍ତୀର କଥା, ଯଦି ଯିବାକୁ ଚାହଁ ନିହାରୀକା, ଅନନ୍ତିମ ଆରଦୃଶ୍ୟ, ତୂଳି, ଅଫେରା ଓ ଯାହା ମୁଁ ଚାହୁଁ ନ ଥିବି ଭଳି କବିତା ସଙ୍କଳନ ମାଧ୍ୟମରେ ସେ ସମୃଦ୍ଧ କରିଛନ୍ତି ଓଡ଼ିଆ ସାହିତ୍ୟ ବାଣୀ ଭଣ୍ଡାରକୁ । ତାଙ୍କର ନିର୍ବାଚିତ ୫୦ଟି କବିତାର ବଙ୍ଗଳା ଅନୁବାଦ ସଙ୍କଳନ, 'ନିର୍ବାଚିତ ୫୦' ଭାଷା ସଂସଦ କୋଲକାତା ଦ୍ୱାରା ପ୍ରକାଶିତ । ଏହା ବ୍ୟତୀତ ହିନ୍ଦୀ ସାହିତ୍ୟର ପ୍ରଖର କବି ଗଜାନନ ମାଧବ ମୁକ୍ତିବୋଧଙ୍କ 'ଅନ୍ଧାରରେ' ମହା –କବିତାର ଅନୁବାଦ ତାଙ୍କର ଅନ୍ୟ ଏକ ସର୍ଜନ ଉତ୍କର୍ଷ । ପରିବେଶ ଭିତ୍ତିକ ନିବନ୍ଧ ସଂକଳନ 'ଅନ୍ଧାରି ଚିନ୍ତାରୁ ଧରିତ୍ରୀ ଚିନ୍ତା' ଓ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ପୂର୍ଣ୍ଣାନନ୍ଦ ଦାନୀଙ୍କ ନିର୍ବାଚିତ ଗଳ୍ପ'କୁ ନେଇ ସମ୍ପାଦିତ ସଙ୍କଳନଟି ପାଠକ ମହଲରେ ଶ୍ରଦ୍ଧାଭାଜନ ହୋଇପାରିଛି। ସାହିତ୍ୟ ଗବେଷଣା, ସମାଲୋଚନା ଓ ଲଳିତ ନିବନ୍ଧ ରଚନା ତଥା ପୁସ୍ତକ ସମ୍ପାଦନାରେ ବ୍ରତୀ ପ୍ରଦୀପ କୁମାର ପଣ୍ଡାଙ୍କ କଲମ ଚାଳନା ଅନ୍ୟ ଅନେକଙ୍କଠାରୁ ଭିନ୍ନ ଏବଂ ରୁଚିପୂର୍ଣ୍ଣ । ଓଡ଼ିଆ ଭାଷା ଓ ସାହିତ୍ୟରେ ଡକ୍ଟରେଟ କରିଥିବା ପ୍ରଦୀପ କୁମାର ପଣ୍ଡା ଫକୀରମୋହନ କଥା ସାହିତ୍ୟରେ ଉଚ୍ଚତର ଗବେଷଣା ମଧ୍ୟ କରିଛନ୍ତି । ଅଧ୍ୟାପନା ବୃତ୍ତିରୁ ଅବସର ଗ୍ରହଣ କଲାପରେ ସମ୍ପ୍ରତି ସେ ଗଙ୍ଗାଧର ମେହେର ବଶ୍ୱବିଦ୍ୟାଳୟର 'ଭୀମଭୋଇ ଚେୟାର'ର ଭାରପ୍ରାପ୍ତ ପ୍ରଫେସର ଭାବରେ କାର୍ଯ୍ୟରତ। ପ୍ରଦୀପ କୁମାର ପଣ୍ଡାଙ୍କ ସମ୍ପର୍କରେ ବିଶିଷ୍ଟ କବି ଭାଗିରଥି ମିଶ୍ର କୁହନ୍ତି' ତାଙ୍କୁ ପଢ଼ିବା ବେଳେ ଭାବିବାକୁ ପଡେ, କବିତା ଶବ୍ଦମାନଙ୍କୁ ଗଢେ ନା ଶବ୍ଦମାନେ କବିତାକୁ ଗଢନ୍ତି। କାରଣ କବିତାରେ ଶବ୍ଦମାନଙ୍କର ନବସର୍ଜନ ତାଙ୍କର ନିଆରାପଣ। ଚେତନାର ଅପହଞ୍ଚ ଦିବ୍ୟତାକୁ ଧୂଳି ମାଟିରୁ ଗୋଟାଇ ଆଣି ସେ ପରଷି ଦିଅନ୍ତି ଅପୂର୍ବ ଧ୍ୱନିଧୁପଦରେ। କଳ୍ପନାରେ ସେ ଯେତିକି ଆଧିଦୈବିକ ସେତିକି ସାଂସାରିକ। କାବ୍ୟବୋଧରେ କେତେବେଳେ ଝରଣାର ପାଣି ପରି ସ୍ୱଚ୍ଛ ତ ଆଉ କେତେବେଳେ ଦୂର ଦିଗବଳୟ ପରି ଛାୟାଛନ୍ନ। ସମାଜ ବ୍ୟବସ୍ଥାର ପ୍ରତିପକ୍ଷରେ ଠିଆ ହୁଅନ୍ତି ସେ ଦର୍ପରେ କିନ୍ତୁ ସକଳ ପ୍ରାଣୀ ଜଗତକୁ ସମାହିତ କରି ରଖନ୍ତି ଆପଣାର ଆତ୍ମାରେ, ସବିନୟରେ। ନିଜସ୍ୱ କାବ୍ୟ ଶୈଳୀରେ ସେ ନୂତନତାର ସନ୍ଧାନରେ ପ୍ରତ୍ୟେକ କବିତାରେ । କବିତାକୁ ନେଇ ତାଙ୍କର ଅବବୋଧ ଯାହା ତାହା ଏମିତି ...। 'କାହାକୁ, କାହିଁକି ଓ କେତେ ଆୟୁଷ ନଜାଣି ଗୋଟିଏ ଭଗ୍ନଦୁର୍ଗର ବନ୍ଦ କବାଟ ବାହାରେ ଅପେକ୍ଷା କରିଛି କବିତା।




ବିଧ୍ୱସ୍ତ ଧରିତ୍ରୀକୁ ପିଠିରେ ସମ୍ଭାଳି ଧରିଛି ଭାବି ଏକ ମହାକାୟ ପଥର ତଳେ ସଦମ୍ଭେ ନିଶ୍ଚଳ ପେଟେଇ ପଡ଼ିଛି ବେଙ୍ଗଟିଏ। ଗୋଟିଏ ମଲା ତାଳଗଛର ବରଡ଼ାହୀନ ଠିଆଗଣ୍ଡିର ଚୂଳରେ ଡେଣା ସାଂକୁଡ଼ି ଶୋଇଲା ପୃଥିବୀର ସାଇଁ ସାଇଁ ଗର୍ଜନ ଶୁଣୁଛି ଗୋଟିଏ ଚେତ ଚିଲ। କବିତା ଅନ୍ୟଜଣେ କେହି, ଅନ୍ୟ ଜଣକ ଖୋଜୁଥିବା ଆର ଜଣକ ବି ସେହି। କବିତାର ବିଷୟବସ୍ତୁ କବିତା, କବିତାର ଅବୟବ କବିତା, କବିତାର ଭାଷା କବିତା।

ନା ...ନା ...କବିତାକୁ ଦିଅନାହିଁ ଜାତି, ଗୋତ୍ର, ବର୍ଣ୍ଣ, ଧର୍ମ !' ପୁରସ୍କାର, ସମ୍ମାନର ହଇଚଇରୁ ଦୂରରେ ରହି କବି ସତ୍ତାରେ ଏବଂ ଅଧ୍ୟାପକୀୟ ପିତ୍ରତାରେ ନିମଗ୍ନ ପ୍ରଦୀପ କୁମାର ପଣ୍ଡା ଗତବର୍ଷ ଗ୍ରହଣ କରିଥିଲେ ଅଖିଳ ମୋହନ କବିତା ସମ୍ମାନ। କୌଣସି ଆନୁଷ୍ଠାନିକ ସ୍ୱୀକୃତି ଅପେକ୍ଷା ତାଙ୍କ କବିତ୍ୱ ପାଠକର ହାର୍ଦ୍ଦିକ ସ୍ୱୀକୃତିକୁ ସବୁ ସମୟରେ ଗୁରୁତ୍ୱପୂର୍ଣ୍ଣ ମଣେ ।

**–ମାନମୟୀ ରଥ,** ସେଣ୍ଟ ଜାଭିୟର୍ସ କିଣ୍ଡ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯









# ଚେର

**ହିନ୍ଦୀ– ରବୀନ୍ଦ୍ର ବର୍ମା**
**ଅନୁବାଦ– କନକ ମଞ୍ଜରୀ ସାହୁ**

ପ୍ରଫେସର ରାଜ ବାହାଦୁର ରିଟାୟାର କଲା ପରେ ନିଜ ସହରରେ ରହିବାକୁ ଭାବିଲେ। ସହର ପ୍ରତି ତାଙ୍କର ବହୁତ ଆର୍କଷଣ ଥିଲା। ଏହାର କାରଣ, ସେ କିଶୋର ଅବସ୍ଥାରେ ସହରଠାରୁ ଦୂରେଇ ଯାଇଥିଲେ। ପ୍ରଥମେ ପାଠପଢ଼ା ପାଇଁ, ତା'ପରେ ଚାକିରି କ୍ଷେତ୍ରରେ ଯେଉଁଠିକୁ ଟ୍ରାନ୍ସଫର ହେଲା ସେଠାକୁ ଗଲେ। ପ୍ରଥମେ ଜଲ୍‌ପାଇଗୁଡ଼ି, ମୁମ୍ବାଇ, ତା'ପରେ ଦିଲ୍ଲୀ। ଯେବେ ବି ମଉକା ମିଳେ, ନିଜ ସହରର ତାଙ୍କ ଘରକୁ ଚାଲିଆସନ୍ତି। ଯେତେବେଳେ ଟ୍ରେନ ନିଜ ସହରର ସୀମାରେ ପହଞ୍ଚେ, ଦୁଇ ସହର ମଝିରେ ଛିଡ଼ା ହୋଇଥିବା ପଥରର ଦୁର୍ଗକୁ ଚାହାନ୍ତି, ତାହା ପୂର୍ବଭଳି ଛିଡ଼ା ହୋଇଥିବା ନଜରରେ ପଡ଼େ। ସେଥିରେ ତାଙ୍କୁ ଶାନ୍ତି ମିଳେ।

ଦୁର୍ଗ ସହିତ ତାଙ୍କ ଘର ବି ସେମିତି ନିଜ ସ୍ଥାନରେ ଛିଡ଼ା ହେଇଛି। ଘର ନିଜ ଜାଗାରେ ନିଶ୍ଚୟ ଛିଡ଼ା ହୋଇଥିଲା, କିନ୍ତୁ ଖାଲି ଥିଲା। ପ୍ରଥମେ ପାଞ୍ଚ ଭାଇ ଭଉଣୀ ସହର ଛାଡ଼ିଲେ, ତା'ପରେ ମା'ବାପା ଚାଲିଗଲେ। ଘରେ ତାଲା ପଡ଼ିଲା। ଯେତେବେଳେ ରାଜ ବାହାଦୁର ତାଲା ଖୋଲିଲେ, ଅଗଣାରେ ଥିବା ଜାମୁଗଛ ପତ୍ରରେ ଅଗଣା ପୂରିଯାଇଥିଲା ଏବଂ ଘର ଭିତରେ ଧୂଳି ଓ ବୁଢ଼ିଆଣୀ ଜାଲ ଥିଲା। ସେ ଉପର ବଡ଼ ରୁମରେ ଆସ୍ଥାନ ଜମେଇଲେ, ଯେଉଁଠି ତିନୋଟି ଝରକା ଏବଂ ଦୁଇଟି ଦ୍ୱାର ଥିଲା। ସେ ପୂର୍ବଜନ୍ମରେ ଏହି ରୁମରୁ ସହର ଛାଡ଼ିଥିଲେ। ଚାରି ଦଶକ ପୂର୍ବ କଥା ତାଙ୍କୁ ପୂର୍ବଜନ୍ମ ଭଳି ଲାଗୁଥିଲା। ସେ ପୁଣି କ'ଣ ପୁନର୍ଜନ୍ମ ପାଇଁ ଆସିଛନ୍ତି? ତାଙ୍କୁ ଲାଗୁଥିଲା ସବୁ କିଛି ବିତିଯାଇଛି, ଯାହାକିଛି ବାକି ଥିବ ଏବେ ଏଠାରେ ହେବ। ସେ ତାକୁ ଖୋଜିବାକୁ ଆସିଛନ୍ତି। ସହରରେ ପ୍ରଥମେ ପିଲାଦିନର ସାଙ୍ଗ ରାସବିହାରୀ ସହିତ ଦେଖାହେଲା। ସେ ଏବେ ବହୁତ ଧନୀ ହେଇ ଯାଇଛନ୍ତି।

ସେ ପଚାରିଲେ, 'କେତେ କୋଟି ମାରିକି ଆଣିଛ?'

ତାଙ୍କ କଥା ଶୁଣି ରାଜ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'କୋଉଠୁ?'

ରାସବିହାରୀ ହସି ହସି କହିଲେ, 'ଗୁରୁ , ଆଜିକାଲି କଲେଜରେ ବହୁତ ଧନ୍ଦା ଚାଲିଛି'।

ରାଜ ବି ହସି କହିଲେ, 'ଏତେ କୋଟି ଆଣି କ'ଣ କରିବି?'

'ଜମି କିଣେଇଦେବି, କୋଠା ବନାଅ।'

ରାଜ ଦିଲ୍ଲୀରେ ତାଙ୍କ ଫ୍ଲାଟ୍‌କୁ ଭଡ଼ାଦେଇ ଆସିଛନ୍ତି। ପତ୍ନୀ ଗତବର୍ଷ ଚାଲିଗଲେ। ଗୋଟିଏ ପୁଅ ମୁମ୍ବାଇରେ, ଆଉ ଗୋଟିଏ ପୁଅ କୋଲକାତାରେ। ସେମାନେ ଏତେ ସଫଳ ଯେ, ସବୁଥର ବାପାଙ୍କୁ ପାଖକୁ ଡାକନ୍ତି, କିନ୍ତୁ ବାପା ପାଖକୁ ଆସନ୍ତିନି। ସେମାନଙ୍କ ପାଖକୁ ଯାଇ ତାଙ୍କୁ କ'ଣ ମିଳିବ? ସେ ନିଜ ଫ୍ଲାଟ୍‌ରେ ଦିଲ୍ଲୀରେ ରହିପାରିଥାନ୍ତେ, କିନ୍ତୁ ଅବସର ପରେ ତାଙ୍କୁ ମୃତ୍ୟୁର ଅବସର ଭଳି ଲାଗିଲା। ଭଲ ଫ୍ଲାଟ୍‌ରେ ଏକୁଟିଆ ରହିବା ଅର୍ଥ ମୃତ୍ୟୁକୁ ଅପେକ୍ଷା କରିବା।

ସେ ହସି କହିଲେ, 'ମୋ ଶରୀର ବି ଭଡ଼ାରେ ସାଙ୍ଗ, କୋଠା ବନେଇ କ'ଣ କରିବି?'

ତାଙ୍କର ଆଉ ୨ ଜଣ ୟୁନିଭରସିଟିର ସାଙ୍ଗ ଅମରେନ୍ଦ୍ର ଏବଂ ସମରେନ୍ଦ୍ର ଦୁହେଁ ସେଠାରେ ବ୍ୟସ୍ତତମ ଓକିଲ ଥିଲେ। ସେମାନଙ୍କର ଅବସର ନାହିଁ, ସେଥିପାଇଁ ସେମାନେ ବହୁତ ଖୁସି ଥାଆନ୍ତି। ଦୁହେଁ ରାତି ଦଶଟାରେ ଖାଇବା ସାରି ଦୁଇ ପେଗ୍ ପକେଇଦେଇ ଶୋଇଯାଆନ୍ତି। ସନ୍ଧ୍ୟାରେ ବୁଲି ବାହାରିବା ପରେ ଦେଖିଲେ ମନ୍ଦିରର ପୂଜାରୀ ସୀତାରାମ ଅନ୍ଧ ହେଇଯାଇଛନ୍ତି ଏବଂ ପଡ଼ୋଶୀ ରାମଚନ୍ଦ୍ର ପାଖରେ ଏବେ ପାଞ୍ଚଟି ପାରା ଅଛନ୍ତି। ଗତଥର ତାଙ୍କୁ ଛାତକୁ ନେଇଯାଇ ପଚାଶଟି ପାରା ଦେଖେଇଥିଲେ।

ଦୁର୍ଗର ଉପର ତଳ ରାତିର ଅନ୍ଧାର ସେମିତି ଥିଲା। ଚାନ୍ଦିନୀ ରାତିରେ ଚାରିଆଡ଼େ ବିଛାଡ଼ି ପଡ଼ିଥିବା ଚନ୍ଦ୍ରକିରଣରେ ଦୁର୍ଗ ହସି ଉଠୁଥିଲା। ଅଗଣାରେ ଜାମୁଗଛରେ ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦ ଏବଂ  ପବନରେ ପତ୍ର ହଲିବା ତାଙ୍କୁ ଭଲ ଲାଗୁଥିଲା। ପତ୍ର ଉପରେ ସୂର୍ଯ୍ୟକିରଣ ବିଛାଡ଼ି ହେଇ ପଡ଼ିବା ଏବଂ ଗଛ ଉପର ଆକାଶ ଚତୁର୍ଦ୍ଦିଗ ଆଲୋକ ବିଛାଡ଼ି ହେଇ ପଡୁଥିଲା। ତାଙ୍କୁ ପିଲାଦିନର ଗଛ ଓ ଆକାଶରେ ମେଲେଇ ହେଇଥିବା ତା' ଶାଖାର ସ୍ମୃତି ମନେପଡ଼େ ଏବଂ କଳା କଳା ଜାମୁକୋଳିର ସ୍ୱାଦ ମନେପଡ଼େ। ଏବେ ଜାମୁରେ ସେମିତି ସ୍ୱାଦ ନାହିଁ କିମ୍ବା କଥାରେ କାହାର ସ୍ୱାଦ ନାହିଁ। ସେ କ'ଣ ସେଇ ସ୍ୱାଦ ପାଇଁ ଆସିଥିଲେ?

ରାଜ ବାହାଦୁର ବଗିଚା ଗଲେ, ନଗର ଗଲେ, ସହର ଗଲେ, ସବୁଆଡ଼େ ଗଲେ। ସେ ସହରର ପ୍ରତ୍ୟେକ ଜାମୁକୋଳି ଚାଖିଲେ। ପ୍ରତ୍ୟେକ ଫଳରେ ତାଙ୍କ ପିଲାଦିନର ସ୍ମୃତି ଥିଲା। କିନ୍ତୁ ସେଇ ସ୍ୱାଦ ନ ଥିଲା। ସ୍ୱାଦର ସ୍ମୃତି କେବଳ ଥିଲା।

ରାଜ ବାହାଦୁରଙ୍କ ଆସିବା କଥା ସହର ବୁଝିପାରୁଥିଲା ନା ଯିବାକଥା ବୁଝିପାରୁଥିଲା। ସହର ଆଶ୍ଚର୍ଯ୍ୟ ହେଇ ରହିଲା। ଲୋକ ସହର ଛାଡ଼ି ରାଜଧାନୀକୁ ଯାଉଛନ୍ତି। ରାଜ ରାଜଧାନୀ ଛାଡ଼ି ନିଜ ସହରକୁ ଏକୁଟିଆ ଫେରିଥିଲେ। ତା'ପରେ ଦିନେ ସେ ଏକୁଟିଆ ଚାଲିଗଲେ। ସେ ଚାଲୁଚାଲୁ କହିଲେ, 'ଜାମୁକୋଳିରେ ସ୍ୱାଦ ନାହିଁ, ସ୍ୱାଦର ସ୍ମୃତି କେବଳ ଅଛି।'

କାହାକୁ ଜଣା ନ ଥିଲା ରାଜ ବାହାଦୁର କୁଆଡ଼େ ଗଲେ।

*– ଶ୍ରାବଣୀ ରେସିଡେନ୍ସି, ୧୧୪୪,*
*ଗଡ଼ସାହି, ନୟାପଲ୍ଲୀ, ଭୁବନେଶ୍ୱର–୧୨*
*ମୋ: ୯୪୩୯୭୫୦୩୭୮*

## ଛିଟକା

**–ସୁବ୍ରତ କୁମାର ପତି**

ପୁଣି କାହିଁ
ମେଘ ମେଦୁର ଆକାଶ
ଆସିଛି ତୋଳି
ଛଳ ଛଳ ପବନର
ଆବେଗ,
ବିଜୁଳିର ଛାୟାରେ
ପ୍ରତିବିମ୍ବିତ
ଢଳଢଳ
ବିସ୍ମୃତ ଗଳ୍ପ?
ଅଭିମାନର ପାହାଡ଼ରେ
କାହିଁକି
ବର୍ଣ୍ଣିଳ ଝରଣା
ଅବଶୋଷର
ଶେଷ ପ୍ରହରରେ
କାହିଁ ଆଉ
ସ୍ମୃତିର ଛିଟକା?

*–ସତ୍ୟଭାମାପୁର, ଖୋର୍ଦ୍ଧା*
*ମୋ: ୯୮୬୧୩୦୭୧୮୦*

## ସ୍ୱପ୍ନର ସହର

**–ଡଃ ମାଙ୍ଗଳିକା ମହାପାତ୍ର**

ସ୍ୱପ୍ନର ସହରର ଅପହଞ୍ଚ ଇଲାକାରେ
ଖୋଜୁଥିଲି ତୁମକୁ ଯେ ଅଶାନ୍ତ ମନରେ
ଚାଲୁଥିବା ରାସ୍ତାର ଅସୀମ ଭିଡ଼ ଭିତରେ
ନିରେଖୁଥିଲି ମୁଁ ତୁମକୁ ପ୍ରତିଟି ମୁଖରେ ...

ଅସ୍ତଗାମୀ ସୁରୁଜର କୋମଳ ସ୍ପର୍ଶରେ
ଉଷ୍ମତା ଯେବେ ଭରେ ଦେହ ଆଉ ମନରେ
ଏଇ ମନ ଚାହେଁ ପାଇବାକୁ ତୁମକୁ ପାଖରେ
ହେଲେ ଥାଅ ତୁମେ କେଉଁ ଦୂର ଦେଶରେ

ସଞ୍ଜ ଯେବେ ନଇଁ ଆସେ ରାତିର କୋଳରେ
ସାରା ଆକାଶ ହସିଉଠେ ଜହ୍ନର ଜୋଛନାରେ
ଧରତୀ ସୁବାସିତ ହୋଇଯାଏ ଶେଫାଳୀର ବାସରେ
ପ୍ରୀତିର କର୍ପୂର ବାସ୍ନା ମହକିଯାଏ ଶ୍ୟାମ କୁଞ୍ଜରେ ...

*–ରେଭେନ୍‌ସା ବିଶ୍ୱବିଦ୍ୟାଳୟ*
*ମୋ: ୯୪୩୭୮୬୧୯୯୯*









ସାମନ୍ତା

# ସାମନ୍ତା ଯାହା ଖୋଜୁଥିଲେ..

ଏପରି ସମୟ ଆସେ ମଣିଷ ଖୋଜୁଥିବା ଜିନିଷଟି ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ଯେଉଁଭଳି ଭୂମିକାଟିଏ ସେ ଖୋଜୁଥିଲେ ତାହା କେମିତି ତାଙ୍କୁ ଏତେ ସହଜରେ ମିଳିଯାଇଛି। ଏପରି ସୁଯୋଗ ପାଇବା ପରେ ତାଙ୍କର ଖୁସି କହିଲେ ନ ସରେ। ଏହି ଅଭିନେତ୍ରୀ ଜଣଙ୍କ ହେଲେ ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ଅନ୍ୟତମ ନାମୀ ନାୟିକା ସାମନ୍ତା। କଥା କ'ଣ କି ସେ ଏବେ କାଳିଦାସଙ୍କ 'ଶକୁନ୍ତଳା' କାବ୍ୟକୁ ଆଧାର କରି ନିର୍ମିତ ସିନେମା 'ଶକୁନ୍ତଲମ୍'ରେ ଅଭିନୟ କରୁଛନ୍ତି। ଏହାର ଟାଇଟଲ ରୋଲ୍‌ଟି ପାଇବା ପରେ ସେ ଏହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ। ଏ ନେଇ ସାମନ୍ତା କହନ୍ତି, 'ଯେତେବେଳେ ପ୍ରଯୋଜକ ମୋତେ କହିଲେ ଯେ, ଏହି ଫିଲ୍ମର ଟାଇଟଲ ଭୂମିକାରେ ମୁଁ ଅଭିନୟ କରିବି ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରୁ ନ ଥିଲି। କାରଣ ଏଭଳି ଏକ ଭୂମିକା (ଶକୁନ୍ତଳା)ରେ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଫିଲ୍ମର ଟ୍ରେଲର ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏଥିରେ ମୋତେ ଦିଆଯାଇଥିବା ଦାୟିତ୍ୱକୁ ମୁଁ ଠିକ୍ ଭାବରେ ତୁଲାଇଛି। ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ତେବେ 'ଶକୁନ୍ତଲମ୍' ଫିଲ୍ମଟି ସାମନ୍ତାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ରହସ୍ୟ ଖୋଲିଲେ ଦିଶା

ଦିଶାଙ୍କର ଫିଟ୍‌ନେସ୍ ଭିଡିଓ ଏବେ ବଲିଉଡ୍‌ରେ ଆଲୋଚନା କେନ୍ଦ୍ର ବିନ୍ଦୁ ସାଜିଛି। କାରଣ ଏହି ଭିଡିଓରେ କରୁଥିବା ଏକ୍ସରସାଇଜ ଦ୍ୱାରା ସେ ନିଜ ଓଜନ କମାଇଛନ୍ତି। ତା'ସହ ସେ ୱେଟଲିଫଟିଙ୍ଗରେ ନିଜର ଦକ୍ଷତା ବି ଏଥିରେ ଦେଖାଇଛନ୍ତି। ଏକାଥରେ ସେ ୮୦ କିଗ୍ରା ଓଜନର ଜିନିଷ ଟେକିବାରେ ସକ୍ଷମ ହୋଇଛନ୍ତି । ହେଲେ ଏହାପଛରେ ଏକ ରହସ୍ୟ ଲୁଚି ରହିଥିଲା, ଯାହା ଉପରୁ ସେ ନିକଟରେ ପରଦା ହଟାଇଛନ୍ତି। ଏ ବିଷୟରେ ଦିଶା କହନ୍ତି, 'ଏହି ଭିଡିଓରେ ମୁଁ ୮୦ କିଗ୍ରା ଓଜନର ଜିନିଷ ଉଠାଇଛି। ହେଲେ ଯେତେବେଳେ ଏ ନେଇ ପ୍ଲାନିଂ କଲି ସେତେବେଳେ ମୁଁ ଟାଇଗର (ଶ୍ରଫ)ଙ୍କ ସହ ବିଷଦ ଆଲୋଚନା କରିଥିଲି। ଏତେ ଓଜନର ଜିନିଷ କେମିତି ଟେକିପାରିବି ସେ ନେଇ ସେ ମୋତେ ଟିପ୍ସ ଦେଇଥିଲେ, ଯାହାକୁ ମୁଁ ଭଲ ଭାବରେ ଫଲୋ କରିଥିଲି। ଯାହା ହେଉ ଠିକ୍ ସମୟରେ ଏହି ଟିପ୍ସ ମୋର କାମ ଦେଲା। ମୁଁ ସବୁବେଳେ ମୋ ଫିଟ୍‌ସେନକୁ ଗୁରୁତ୍ୱ ଦିଏ। କାରଣ ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବା ଲାଗି ଆମକୁ ତ ନିଶ୍ଚୟ କିଛି ପରିଶ୍ରମ କରିବାକୁ ପଡିବ। ମୁଁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଫିଟନେସ ପ୍ରତି ଧ୍ୟାନ ଦେବାକୁ ଭୁଲି ନ ଥାଏ। ଏ ନେଇ ଟାଇଗର ମୋ ପଛରେ ଛାଇ ପରି ରହିଥାଆନ୍ତି। ପ୍ରତିଦିନ ସକାଳେ ଜିମ୍ ପାଇଁ ଦୁଇ ଘଣ୍ଟା ସମୟ ଦେଇଥାଏ। ଏହି ତାଲିକାରେ ଯୋଗ ଏବଂ ପ୍ରାଣାୟମ ମଧ୍ୟ ସାମିଲ କରିଛି।' ଦିଶାଙ୍କ ଅଭିନୀତ 'ଏକ ଭିଲେନ୍-୨' ଚଳିତ ବର୍ଷ ଜୁଲାଇ ୮ରେ ରିଲିଜ ହେବ। ତା'ସହ ସେ ଅଭିନୟ କରିଥିବା କରନ୍ ଜୋହରଙ୍କ 'ଯୋଦ୍ଧା'ର ଶୁଟିଂ ନିକଟରେ ଶେଷ ହୋଇଛି।



ଦିଶା

# ଡେଟ୍ ପାଇଁ..

ନୁସରତ ଭରୁଚାଙ୍କ ମୁଣ୍ଡରେ ହାତୀ ସତେ ଯେମିତି ସୁନା କଳସ ଢ଼ାଳିଛି। ନିକଟରେ ସେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ସିନେମା ସାଇନ୍ କରିଛନ୍ତି। ଏହି ଫିଲ୍ମଗୁଡିକରେ ଆକ୍ଟିଂ କରିବାକୁ ସିନା ରାଜି ହୋଇଗଲେ, ହେଲେ ସେଗୁଡିକର ଶୁଟିଂ ପାଇଁ ଡେଟ୍ ଫିକ୍ସ ତାଙ୍କ ପାଇଁ ସମସ୍ୟା ହୋଇଛି। କାରଣ ସମାନ୍ତରାଳ ଭାବରେ ଦୁଇଟି ସିନେମାର ଶୁଟିଂ ଏକାଥରେ ଆରମ୍ଭ ହେବ। ଏ ନେଇ ନୁସରତ କହନ୍ତି, 'ଯେଉଁ ଦୁଇଟି ଫିଲ୍ମର ଶୁଟିଂ ଏକାଥରେ ଆରମ୍ଭ ହେବ ସେଥିପାଇଁ ମୁଁ ସିନା ମାନସିକ ସ୍ତରରେ ପ୍ରସ୍ତୁତ ଅଛି, ହେଲେ କାହା ପାଇଁ କେତେବେଳେ ସମୟ ଦେବି ସେ ନେଇ ଅଡୁଆରେ ପଡିଛି। ଦ୍ୱିତୀୟ ସିନେମାର ଶୁଟିଂ ଅତିକମ୍‌ରେ ଗୋଟିଏ ସପ୍ତାହ ଘୁଞ୍ଚାଇବାକୁ ପ୍ରଯୋଜକଙ୍କୁ ଅନୁରୋଧ କରିଛି। ଯଦି ସେ ଏଥିରେ ରାଜି ହୁଅନ୍ତି, ତେବେ ମୋ ପାଇଁ ଡେଟ୍ ପ୍ରୋବ୍ଲେମ ହେବ ନାହିଁ।' ନିକଟରେ ନୁସରତ ଅଭିନୟ କରିଥିବା ଦୁଇଟି ମ୍ୟୁଜିକ ଆଲବମ୍ ରିଲିଜ ହୋଇ ଦର୍ଶକାଦୃତ ହୋଇଛି।



ନୁସରତ

# ହୋଲିକୁ ଅପେକ୍ଷା

ଅକ୍ଷୟ କୁମାର ଏବଂ ଜ୍ୟାକଲିନ୍ ଫର୍ନାଡିସ୍ ଅଭିନୀତ 'ବଚ୍ଚନ ପାଣ୍ଡେ' ଚଳିତ ବର୍ଷ ହୋଲିରେ ମୁକ୍ତିଲାଭ କରିବାକୁ ଯାଉଛି। ତେଣୁ ଏ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି ଜ୍ୟାକଲିନ୍। ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ନିକଟରେ ଘୋଷଣା କରାଯାଇଛି। ଏକଥା ଜାଣିବା ପରେ ତାଙ୍କର ଖୁସିର ସୀମା ରହି ନ ଥିଲା। ଏ ସମ୍ପର୍କରେ ଜ୍ୟାକଲିନ୍ କହନ୍ତି, 'ଏହି ଫିଲ୍ମରେ ମୁଁ ଅକ୍ଷୟ କୁମାରଙ୍କ ସହ ଆକ୍ଟିଂ କରିଛି। ତାଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା। ଏଥିରେ ଦର୍ଶକ ମୋତେ ଗ୍ୟାଙ୍ଗଷ୍ଟର ବଚ୍ଚନ ପାଣ୍ଡେଙ୍କର ଗର୍ଲଫ୍ରେଣ୍ଡ ଭୂମିକାରେ ଦେଖିବାକୁ ପାଇବେ। ଏଥିରେ ମୋତେ ମିଳିଥିବା ଭୂମିକାଟି ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ଚଳିତ ବର୍ଷ ହୋଲିରେ ଫିଲ୍ମଟି ରିଲିଜ ହେଉଛି। ତେଣୁ ଦର୍ଶକ ହୋଲି ସହ ଏହି ଫିଲ୍ମର ମଜା ନେବେ। ଆକ୍ସନ-ପ୍ୟାକ୍‌ଡ ଏହି ଚିତ୍ରଟି ବକ୍ସ ଅଫିସରେ ଭଲ ବିଜନେସ କରିବ ବୋଲି ଆଶା ରଖିଛି। ସାଜିଦ୍ ନାଦିଆଦୱାଲାଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଫରହଦ୍ ସାମଜୀ। ଅକ୍ଷୟ ଏବଂ ଜ୍ୟାକଲିନ୍‌ଙ୍କ ବ୍ୟତୀତ ଏଥିରେ କ୍ରିତି ସାନନ୍, ଅର୍ସଦ ୱାର୍ସି, ପ୍ରତୀକ ବବର, ସଞ୍ଜୟ ମିଶ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



ଜ୍ୟାକଲିନ୍

# ମହାବାହୁ



ଆକାଶ

ଜଗତର ନାଥ ଜଗନ୍ନାଥ। ତାଙ୍କର ଲୀଳା ଅପାର। ସେପରି କିଛି ଅଲୌକିକ ଲୀଳାକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ମହାବାହୁ'। ଖାସ୍ କଥା ହେଲା, ଏହି ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଆକାଶ ଦାସନାୟକ। 'କଳିଙ୍ଗପୁତ୍ର' ଫିଲ୍ମ ଜରିଆରେ ସେ ଏଣ୍ଟ୍ରି କରିଥିଲେ ଓଲିଉଡ୍‌ରେ। ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାର ନାୟକ ସାଜିସାରିଛନ୍ତି ଏହି ଅଭିନେତା। ହେଲେ 'ମହାବାହୁ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ରମେଶ ବାରିକ ଏବଂ କେ. ତମନ୍ନା। ଏ ସମ୍ପର୍କରେ ରମେଶ କହନ୍ତି, 'ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବିଚିତ୍ର। ଏଥିରେ ତାହାର ଝଲକ ମଧ୍ୟ ଦେଖିବାକୁ ମିଳିବ। ସବୁଠାରୁ ଖାସ୍ କଥା ହେଲା, ଜାତୀୟ ପୁରସ୍କାରକୁ ଆଖି ଆଗରେ ରଖି ଏହାକୁ ପ୍ରସ୍ତୁତ କରାଯାଉଛି। ତା'ସହ ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ଯଥେଷ୍ଟ ଚେଷ୍ଟା କରାଯାଇଛି।' ଆର.ଆର. ଇଭେଣ୍ଟସ୍ ସିନେ ପ୍ରଡକ୍ସନ ଏବଂ ଷ୍ଟୁଡିଓ ଥ୍ରୀସିକ୍ସଟି ବ୍ୟାନରରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଶ୍ରୀତମ୍ ଦାସ। ଏଥିରେ ଆକାଶଙ୍କ ଅପୋଜିଟ୍‌ରେ ଅଛନ୍ତି ପୁନମ ମିଶ୍ର। ଏହି ଯୋଡି ବ୍ୟତୀତ ତନୁଶ୍ରୀ, ଦିବ୍ୟା, ଶ୍ରୀତମ୍ ଦାସ, ହରିହର ମହାପାତ୍ର, ଟୋପି, ଉଷସୀ ମିଶ୍ର। ଶରରାଣବିନ୍ଦ ଏହାର ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ।

# ସମୟ ହୋଇନାହିଁ



ସିଦ୍ଧାନ୍ତ

'ଏବେ କେବଳ ନିଜର ଅଭିନୟ ପ୍ରତି ନଜର ଦେଉଛି। ଆଉ ତା' ଭିତରେ ବ୍ୟକ୍ତିଗତ ଜୀବନ ବିଷୟରେ ଭାବିବାକୁ ମୋ ପାଖରେ ସମୟ ନାହିଁ। କେବଳ ସେତିକି ନୁହେଁ, ମୋ ନାମରେ ଏବେ ଯେଉଁ ଗୁଜବ ଉଠିଛି ତାକୁ ନେଇ କି ସଫେଇ ଦେବି ଜାଣିପାରୁନାହିଁ। କେବଳ ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର କରାଯାଉଛି।' ହଁ, ଏଭଳି ସଫେଇ କିଏ ଦେଇଛନ୍ତି ଜାଣନ୍ତି ? ସିଦ୍ଧାନ୍ତ ଚର୍ତୁବେଦୀ। ଚଳିତ ବର୍ଷ ଫେବୃୟାରୀ ୧୧ରେ ରିଲିଜ ହୋଇଥିବା ସକୁନ୍ ବାତ୍ରାଙ୍କ ନିର୍ଦ୍ଦେଶିତ 'ଗେହରାଇୟାଁ'ରେ ତାଙ୍କର ଭୂମିକା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। କେବଳ ସେତିକି ନୁହେଁ, ସକୁନ୍‌ଙ୍କ ଆଗାମୀ ଫିଲ୍ମରେ ତାଙ୍କୁ ରିପିଟ୍ କରାଯିବାର ଯୋଜନା ରହିଛି। ହେଲେ ନିଜ ପ୍ରେମ ସମ୍ପର୍କକୁ ନେଇ ହାତେ ମାପି ଚାଖଣ୍ଡେ ଚାଲୁଛନ୍ତି ସିଦ୍ଧାନ୍ତ। ଏ ସମ୍ପର୍କରେ ସେ କହନ୍ତି, 'ମୋର କାହା ସହ ଆଫେୟାର୍ସ ରହିଛି ତାହା ଜଣାଇବାର ସମୟ ଆସିନାହିଁ। ଏ ବିଷୟରେ ମଧ୍ୟ ମୁଁ ଅଧିକ ଆଲୋଚନା କରିବାକୁ ଚାହୁଁନାହିଁ।' 'ଗେହରାଇୟାଁ'ରେ ସିଦ୍ଧାନ୍ତଙ୍କ ବ୍ୟତୀତ ଦୀପିକା ପାଦୁକୋନ୍, ଅନନ୍ୟା ପାଣ୍ଡେ ଅଭିନୟ କରିଛନ୍ତି। ସୂଚନାଯୋଗ୍ୟ ୨୦୧୯ରେ ସିଦ୍ଧାନ୍ତଙ୍କୁ 'ଗଲି ବୟ'ରେ ବ୍ରେକ୍ ମିଳିଥିଲା। ଏହାବ୍ୟତୀତ 'ବଣ୍ଟି ଔର ବବଲି-୨'ରେ ଶ୍ରାବଣୀ ବାଗ୍‌ଙ୍କ ଅପୋଜିଟ୍‌ରେ ସେ ଅଭିନୟ କରିଥିଲେ ।

# କାହାଣୀ ପାଇଁ ଟେନ୍‌ସନ୍

ଓଡ଼ିଆ ସିନେମା 'ଯୋଗୀ' ଏବଂ 'ପ୍ରେମ ପାଇଁ ମହାଭାରତ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା ଏବେ ଟେନ୍‌ସନ୍‌ରେ। ହେଲେ କାରଣ କ'ଣ ? ଅସଲ କଥା ହେଲା, କାହାଣୀ ପାଇଁ ତାଙ୍କର ଟେନ୍‌ସନ୍ ବଢ଼ିଯାଇଛି। ଏକ ଐତିହାସିକ କଥାବସ୍ତୁକୁ ଆଧାର କରି ସେ ଏକ ସିନେମା ନିର୍ଦ୍ଦେଶନା ଦେବାକୁ ଯୋଜନା କରୁଛନ୍ତି। ହେଲେ ମନଲାଖି କାହାଣୀଟିଏ ଠିକ୍ ହୋଇପାରୁନି। ଏ ନେଇ ନିରଞ୍ଜନ କହନ୍ତି, 'କୌଣସି ସିନେମାର ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ କାହାଣୀ ଉପରେ ଗୁରୁତ୍ୱ ଦେଇଥାଏ। ତା'ପରେ ଏହାକୁ ନେଇ କଳାକାର ଚୟନ, ସଂଳାପ, ସଙ୍ଗୀତ, ଲୋକେସନ ଏବଂ ଉପସ୍ଥାପନାକୁ ନଜରରେ ରଖେ। ଏବେ ଏକ ଐତିହାସିକ ଓଡିଆ ଫିଲ୍ମର ନିର୍ଦ୍ଦେଶନା ଦେବାର ଯୋଜନା ରହିଛି। ଏ ନେଇ କାହାଣୀ ଚୟନ ଦାୟିତ୍ୱ ପ୍ରଯୋଜକ ମୋ ଉପରେ ନ୍ୟସ୍ତ କରିଛନ୍ତି। ତେଣୁ ଏଥିପାଇଁ ଟେନସନ୍‌ରେ ଅଛି। ୟା ଭିତରେ ୪-୫ଟି ଐତିହାସିକ କଥାବସ୍ତୁକୁ ଉପରେ ଆଲୋଚନା ହୋଇଛି। ଖୁବ୍ ଶୀଘ୍ର ଏଭଳି ଗୋଟିଏ କାହାଣୀ ଉପରେ ମୋହର ବାଜିବ। ଏକ ଐତିହାସିକ ଫିଲ୍ମଟିଏ ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ। ନିଜର ଅଭିଜ୍ଞତାକୁ ପାଥେୟ କରି ଆଗେଇବି। ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ। ଏହାକୁ ମୁଁ କଦାପି ହାଲକା ଭାବରେ ନେଇ ନ ଥାଏ।



ନିରଞ୍ଜନ

କାରଣ ଗୋଟିଏ ସିନେମାର ସଫଳତା କେବଳ କଳାକାର ନୁହଁନ୍ତି ନିର୍ଦ୍ଦେଶକ ଉପରେ ମଧ୍ୟ ନିର୍ଭର କରିଥାଏ। ତେଣୁ ପ୍ରତିଟି ସଟ୍‌କୁ ଓକେ କହିବା ପୂର୍ବରୁ ମୁଁ ବେଶ୍ ସତର୍କତା ଅବଲମ୍ବନ କରିଥାଏ।' ନିରଞ୍ଜନ କେଉଁଭଳି ଐତିହାସିକ କାହାଣୀଟିଏ ଚୟନ କରୁଛନ୍ତି ତାହା ଆଗକୁ ଜଣାପଡିବ।

ପ୍ରଥମ ରୋଜଗାର

# ଷ୍ଟାଇପେଣ୍ଡ ଟଙ୍କାରେ ଭଉଣୀ ପାଇଁ ଶାଢୀ କିଣିଥିଲି



ଗାଳ୍ପିକ, ଡାକ୍ତର **ଶ୍ରୀପ୍ରସାଦ ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କ**ଟକ ଜିଲା ନିଆଳି ପାଖ ପହଙ୍ଗା ଗାଁରେ ମୋ ଜନ୍ମ। ପାଞ୍ଚ ଭାଇଭଉଣୀ ଭିତରେ ମୁଁ ଥିଲି ଘରର ବଡ଼ ପୁଅ। ବାପା ଇରିଗେଶନ୍ ଡିପାର୍ଟମେଣ୍ଟରେ ଚାକିରି କରିଥିବାରୁ ତାଙ୍କର ବିଭିନ୍ନ ସ୍ଥାନକୁ ବଦଳି ହେଉଥିଲା। ଆଉ ସେହି ଅନୁଯାୟୀ ଆମ ଭାଇଭଉଣୀଙ୍କୁ ଭିନ୍ନ ଭିନ୍ନ ସ୍କୁଲ୍‌ରେ ପଢିବାକୁ ପଡୁଥିଲା। ତେବେ ଗୋପସ୍ଥିତ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ବିଜେବି କଲେଜରେ ଆଇ.ଏସ୍‌ସି ପଢିବାକୁ ଆଡ୍‌ମିଶନ ନେଲି। ବର୍ଷେ ପରେ ପୁଣି ବାପାଙ୍କର ଢେ଼ଙ୍କାନାଳ ବଦଳି ହେବାରୁ ଢେ଼ଙ୍କାନାଳ କଲେଜରେ ଆଇ.ଏସ୍‌ସି ଦ୍ୱିତୀୟ ବର୍ଷ ପଢି ପାସ୍ କଲି। ତା'ପରେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ୍ କଲେଜ ଆଣ୍ଡ ହସ୍‌ପିଟାଲ୍‌ରେ ଏମ୍‌ବିବିଏସ୍ ପଢିଲି। ପଢା ଶେଷରେ ଗୋଟେ ବର୍ଷ ପାଇଁ ହାଉସ୍ ମ୍ୟାନ୍‌ସିପ୍ ଭାବେ କାମ କଲାବେଳେ ମାସକୁ ୮୦୦ ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ମିଳିଲା। ପ୍ରଥମ ମାସ ଷ୍ଟାଇପେଣ୍ଡ ଟଙ୍କାରେ ସାନ ଭଉଣୀ ପାଇଁ ଗୋଟେ ଶାଢୀ କିଣିଥିଲି। ବର୍ଷେ ହାଉସ୍‌ମ୍ୟାନ୍ ସିପ୍ କଲାପରେ କାଶୀପୁରର ଟିକିରିରେ ୪ମାସ ପାଇଁ ପେରିଫେରିରେ କାମ କଲି। ଏହି ସମୟରେ ବି ମୋତେ କିଛି ପାରିଶ୍ରମିକ ମିଳୁଥିଲା। ହେଲେ ମୁଣ୍ଡରେ ଯେହେତୁ ପି.ଜି ପଢିବା ପାଇଁ ଚିନ୍ତା ଥିଲା ତେଣୁ ସେ ଟଙ୍କାକୁ ସେମିତି କିଛି ବିଶେଷ ଖର୍ଚ୍ଚ ନ କରି ପାଖରେ ରଖିଥାଏ। ଭଗବାନଙ୍କ କୃପାରୁ ପି.ଜି କରିବାକୁ ସୁଯୋଗ ପାଇଲି ଆଉ ସଞ୍ଚିଥିବା ଟଙ୍କା ତକ ସେଇଥିରେ ହିଁ ଖର୍ଚ୍ଚ କରିଥିଲି। ୩ ବର୍ଷ ପି.ଜି ପଢିବା ପରେ ମାର୍ସାଘାଇର ବତୀଘରଠାରେ ଆସିଷ୍ଟାଣ୍ଟ ସର୍ଜନ ଭାବେ ପୋଷ୍ଟିଂ ପାଇଲି। ୧୯୯୩ ମସିହା ସେପ୍ଟେମ୍ବର ମାସରେ ଯେହେତୁ ଚାକିରିରେ ଜଏନ୍ କରିଥିଲି, ତେଣୁ ପ୍ରଥମ ମାସର ଦରମା ପାଇଲା ବେଳକୁ ଦଶହରା ସମୟ ପାଖେଇ ଆସିଯାଇଥାଏ। ସେଥିପାଇଁ ପ୍ରଥମ ଦରମାରେ ଘରର ସମସ୍ତଙ୍କ ପାଇଁ ଦଶହରା ଗିଫ୍ଟ ନେଇକି ଯାଇଥିଲି। ପାଖାପାଖି ଦୁଇ ବର୍ଷ ସେଠାରେ କାମ କରିବା ପରେ ୧୯୯୫ ମସିହା ଡିସେମ୍ବରରେ ଏମ୍‌କେସିଜି ମେଡିକାଲ୍ କଲେଜ ଆଣ୍ଡ ହସ୍‌ପିଟାଲ୍‌ରେ ଅଧ୍ୟାପକ ଭାବେ ମୋର ବଦଳି ହେଲା। ଦୁଇବର୍ଷ ପରେ ପୁଣି ବଦଳି ହୋଇ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲ୍‌କୁ ଗଲି। ସେଠାରେ ୧୯୯୭ରୁ ୨୦୦୪ ଯାଏ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ପରେ ଏମ୍‌କେସିଜି ମେଡିକାଲ୍ କଲେଜକୁ ଆସିଷ୍ଟାଣ୍ଟ ପ୍ରଫେସର୍ ହୋଇ ଗଲି। ପୁନର୍ବାର ୨୦୧୨ରେ ଆସୋସିଏଟ୍ ପ୍ରଫେସର୍ ହୋଇ ଏସ୍‌ସିବି ମେଡିକାଲ୍ କଲେଜକୁ ଗଲି ଏବଂ ସେଠାରେ ୨୦୨୧ ନଭେମ୍ବର ମାସ ଯାଏଁ ରହିଲି। ତା'ପରେ ପ୍ରଫେସର୍ ଭାବେ ପ୍ରମୋଶନ ପାଇ ପୁନର୍ବାର ଏମ୍‌କେସିଜି ମେଡିକାଲ୍ କଲେଜକୁ ଆସିଲି ; ଯେଉଁଠାରେ ଅଦ୍ୟାବଧି ମୁଁ କାର୍ଯ୍ୟ କରୁଅଛି। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାଛଡ଼ା ସାହିତ୍ୟ ପ୍ରତି ମଧ୍ୟ ମୋର ଖୁବ୍ ଶ୍ରଦ୍ଧା ରହିଅଛି। ଯା'ଭିତରେ ନିର୍ବାଣର ଆରପାଖେ, ହଜି ଯାଉଥିବା ଝିଅମାନେ, ଝିଅ ପାଇଁ ଗପ, ଭାଗଶେଷ, ତୁମେ ଅଛ ବୋଲି ନାମରେ ୫ଟି ଗଳ୍ପ ସଂକଳନ ଏବଂ ଥୁଣ୍ଟାଗଛର ଛାଇ ନାମରେ ଏକ ଉପନ୍ୟାସ ପୁସ୍ତକ ମୋର ପ୍ରକାଶିତ ହୋଇସାରିଲାଣି। ଏପରିକି 'ନିର୍ବାଣର ଆରପାଖେ' ଓ 'ହଜି ଯାଉଥିବା ଝିଅମାନେ' ଏହି ଦୁଇଟି ବହିକୁ ରାଜା ରାମମୋହନ ରାୟ ଲାଇବ୍ରେରୀରେ ସ୍ଥାନ ମଧ୍ୟ ମିଳିସାରିଛି। ଏସବୁବାଦ୍ ମୁଁ ଅନେକ କବିତା ମଧ୍ୟ ଲେଖିଛି କିନ୍ତୁ ତାହାକୁ ପ୍ରକାଶ କରିନାହିଁ।

*–ଅନ୍ୱିତା*

# ମନମୋହିନୀ ମୃଗନୟନୀ, ଚାହାଣୀ କହୁଛି ପ୍ରେମ କାହାଣୀ

ସାଥୀ



**ପ୍ରଶ୍ନ–**ସେହି ସୁନ୍ଦରୀର ଚାହାଣୀ ମୋତେ ଘାଇଲା କରିଛି। ଯେତେବେଳେ ତାଙ୍କୁ ଦେଖିଲି ସେତେବେଳଠାରୁ ସେ ମୋ ହୃଦୟରେ ଘର କରିସାରିଛନ୍ତି। ହେଲେ ସେ ମୋତେ ଭଲ ପାଉଛନ୍ତି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅଜିତ ରାଉତ, ବ୍ରହ୍ମପୁର*

**ଉତ୍ତର:** ସୁନ୍ଦରୀ ଚାହାଣୀରେ ଅନେକ କଥା ଲୁଚି ରହିଥାଏ। ବେଳେବେଳେ ସେହି ଚାହାଣୀରୁ ହିଁ ପ୍ରେମର ଆରମ୍ଭ ହୋଇଥାଏ। 'ମନମୋହିନୀ ମୃଗନୟନୀ, ଚାହାଣୀ କହୁଛି ପ୍ରେମ କାହାଣୀ'। ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣ ଆଗପଛ ବିଚାର ନ କରି ସେହି ସୁନ୍ଦରୀଙ୍କୁ ନିଜ ମନରେ ସ୍ଥାନ ଦେଇସାରିଛନ୍ତି। ଯଦି ତାଙ୍କର ହସ ଆପଣଙ୍କୁ ପାଗଳ କରିଛି, ତେବେ ସେହି ହସକୁ ଟିକେ ଥଣ୍ଡା ମିଜାସରେ ତର୍ଜମା କରନ୍ତୁ। ହୁଏତ ଆପଣଙ୍କ ମନର ମାନସୀର ହସରେ ପ୍ରେମ ଲୁଚି ରହିଛି। ତେଣୁ ତରବର ନ ହୋଇ କୁଲ୍ କୁଲ୍ ମାଇଣ୍ଡରେ ବିଚାର କରି ଆଗାନ୍ତୁ।

**ପ୍ରଶ୍ନ–**ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ଏହି ଭାବନାର ପରିସମାପ୍ତି କିପରି ହେବ କହିବେ କି ସାଥୀ ?

*–ସୁଜିତ ସାହୁ, ବଲାଙ୍ଗୀର*

**ଉତ୍ତର:** ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ କୌଣସି କଥାକୁ ଆଦୌ ହାଲ୍‌କା ଭାବରେ ନିଅନ୍ତୁ ନାହିଁ। ଯାହା ଜଣାପଡୁଛି, ଆପଣଙ୍କୁ ପ୍ରେମର ନିଶା ଫୁଲ୍ ଘାରିଛି। ଆଉ ସେହି ହାୱାରେ ବହୁ ଦୂରକୁ ଉଡି ଯାଇଛନ୍ତି। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ତେଣୁ ସେହି ଭାବନା ରାଇଜକୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ପାଣିପାଗ ଠିକ୍ ରହେ, ତେବେ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ–**ଲାଜରୁ ପ୍ରେମର ସୃଷ୍ଟି ହୁଏ–ଏକଥା ପଛରେ କେତେ ସତ୍ୟତା ଅଛି ? *–ତପନ ମହନ୍ତ, ବାରିପଦା*

**ଉତ୍ତର:** ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ପ୍ରଶାନ୍ତ କୁମାର, ଜଗତସିଂହପୁର*

**ଉତ୍ତର:** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଇରେ ବୁଡ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ–**ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ସୁଜିତ, ଭୁବନେଶ୍ୱର*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

# ଇଲ୍ୟୁଜନ ଟି-ଶାର୍ଟ

**ଅନେକେ ଚାଲିଥିବା ଟ୍ରେଣ୍ଡ ଓ ଫ୍ୟାଶନ୍‌ଠାରୁ କିଛି ଭିନ୍ନ ଫ୍ୟାଶନ ଆପଣେଇ ସମସ୍ତଙ୍କଠାରୁ ଅଲଗା ଦେଖାଯିବାକୁ ପସନ୍ଦ କରିଥା'ନ୍ତି। ତେଣୁ ଭିଡ଼ ଭିତରୁ ବାରି ହେବା ଭଳି କିଛି ପିନ୍ଧିବାକୁ ଚାହୁଁଥିଲେ ଏହି ଇଲ୍ୟୁଜନ ଟି-ଶାର୍ଟ ବେଷ୍ଟ ଚଏସ୍ ହୋଇପାରେ। ଏହାକୁ ପିନ୍ଧିଲେ ଭିନ୍ନ ତ ଲାଗିବେ, ତା' ସହ ଆପଣଙ୍କ ଟି-ଶାର୍ଟକୁ ଦେଖୁଥିବା ବ୍ୟକ୍ତି କିଛି ସମୟ ପାଇଁ ଭ୍ରମରେ ପଡ଼ିଯିବେ...**




**ମ୍ୟୁଜିକ୍ ଏକ୍ସପେରିମେଣ୍ଟାଲ ଟି-ଶାର୍ଟ:** ମ୍ୟୁଜିକ୍ ବା ସଙ୍ଗିତକୁ ଭଲ ପାଉଥିବା ତଥା ଭଲ ଗୀତ ଗାଉଥିବା ବ୍ୟକ୍ତିଙ୍କୁ ଏଇ ଟି-ଶାର୍ଟ ଉପହାର ସ୍ୱରୂପ ଦିଅନ୍ତୁ। ଦେଖିବେ ସେ କେତେ ଖୁସି ହେଇଯିବେ। ଏହି ଟି-ଶାର୍ଟରେ ମାଇକ୍‌ର ଚିତ୍ର ଓ ହେଡ୍‌ଫୋନ୍ ବେକରେ ଝୁଲାଇଥିବା ଫଟୋ ଥାଏ। ଏହିସବୁ ଫଟୋ ଥ୍ରୀ ଡି ଅଟେ। ଆଉ ଏତେ ବାସ୍ତବ ଲାଗେ ଯେ, ଦୂରରୁ ଦେଖିଲେ ଲାଗିବ ଯେମିତିକି ଟି ଶାର୍ଟ ପିନ୍ଧିଥିବା ବ୍ୟକ୍ତି ମାଇକ୍ ସାମ୍ନାରେ ଠିଆ ହୋଇ ଗୀତ ଗାଉଛନ୍ତି ଅବା ହେଡ୍ ଫୋନ ବେକରେ ଝୁଲାଇଛନ୍ତି।

**ଲଙ୍ଗ୍ ହେୟାର ଇଲ୍ୟୁଜନ୍ ଟି-ଶାର୍ଟ:** ଲମ୍ବା ସୁନ୍ଦର କେଶ କାହାକୁ ବା ଭଲ ନ ଲାଗେ। ହେଲେ ଅନେକ ଯୁବତୀ ଏଭଳି କେଶ ଲାଗି ଯେତେ ଚେଷ୍ଟା କଲେ ବି ପାଇପାରି ନ ଥାଆନ୍ତି। ତେଣୁ ମନରେ ଅବସୋସ ରହିଯାଏ। ଏମିତି କ୍ଷେତ୍ରରେ ଏହି ଟି-ଶାର୍ଟ ଟ୍ରାଏ କରିପାରିବେ। ଆଉ ଲମ୍ବା କେଶ ଥିବାର ଭ୍ରମ ଅନ୍ୟମାନଙ୍କ ମନରେ ସୃଷ୍ଟି କରିପାରିବେ। ଉକ୍ତ ଟି-ଶାର୍ଟରେ ଲମ୍ବା କେଶର ପ୍ରିଣ୍ଟ ଏଭଳି ହୋଇଛି ଯେ, ତାହା ସତସତିକା ପରି ଲାଗେ। ଏହାକୁ ପିନ୍ଧିଲେ ଯୁବତୀଙ୍କ କାନ୍ଧ ପର୍ଯ୍ୟନ୍ତ ଥିବା କଳା କେଶ, ଟି-ଶାର୍ଟରେ ପ୍ରିଣ୍ଟ ହୋଇଥିବା କେଶ ସହ ମିଶିଯାଏ। ଆଉ ଜଣାପଡ଼େନି କେଉଁଟି ଅସଲି କେଉଁଟି ନକଲି।

**କଟ୍ ଟି-ଶାର୍ଟ:** ଏହି ଟି-ଶାର୍ଟକୁ ପିନ୍ଧିଲେ ଲାଗିବ ସତେ ଯେମିତି ଆପଣଙ୍କ ପେଟଭାଗ କଟିଯାଇଛି। ଅନ୍ତବୁଜୁଳା ବି ନାହିଁ। ଖାଲି ମେରୁଦଣ୍ଡ ହାଡ଼ ସେହି ଅଂଶରେ ଅଛି। ବେଶ୍ ଅଜବ ଲାଗେ ଦେଖିବାକୁ। ତେବେ ହାଲୋଓ୍ୱିନ ପାଇଁ ଏହି ଟି-ଶାର୍ଟ ପରଫେକ୍ଟ।

**ଉଇ ଆର୍ ଅଲ ବେବି ଇନ୍‌ସାଇଡ୍ ଟି-ଶାର୍ଟ:** ମଣିଷ ଯେତେ ବଡ଼ ହେଲେ ବି ତା' ଭିତରେ କିଛି ପିଲାଳିଆମି ଜୀବନ୍ତ ଥାଏ। ଆଉ ତାହା ରହିବା ବି ଭଲ। ଏହାକୁ ଦର୍ଶାଇଥାଏ ଉକ୍ତ ଟି-ଶାର୍ଟ। ଏହି ଟି-ଶାର୍ଟର ସାମ୍ନା ଭାଗରେ ଡାଇପର୍ ପିନ୍ଧା କୁନି ପିଲା ଠିଆ ହୋଇଥିବା ଶରୀରର ଚିତ୍ର ଥାଏ। ହେଲେ ପିଲାଟିର ମୁଣ୍ଡ ନ ଥାଏ। ଖାଲି ବେକ ପର୍ଯ୍ୟନ୍ତ ଥାଏ। ତେଣୁ ଏହାକୁ ପିନ୍ଧିଲେ ଆପଣଙ୍କ ମୁହଁ ଏକ ଛୋଟ ପିଲା ଶରୀର ଉପରେ ଥିବା ପରି ଲାଗିବ।

**ଅଜଣା ହାତ ଶରୀରକୁ ମୁଠେଇ ଧରିଥିବା ଟି-ଶାର୍ଟ:** ଏଇ ଟି-ଶାର୍ଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଦେଖିଲେ ଲାଗିବ ସତେ ଯେମିତି ଏକ ଅଜଣା ବିରାଟକାୟ ହାତ ତାଙ୍କ ଶରୀରକୁ ମୁଠେଇ ଧରିଛି। ଅର୍ଥାତ୍ ସେ କାହା ହାତରେ କଣ୍ଢେଇଟିଏ ପରି ଲାଗିବେ।

**ଥ୍ରୀ ଡି ଅପ୍ଟିକାଲ ଇଲ୍ୟୁଜନ ଟି-ଶାର୍ଟ:** ଯଦି କେହି ଅଧିକ ସମୟ ଉକ୍ତ ଟି-ଶାର୍ଟକୁ ଚାହିଁ ରହିବେ, ତେବେ ଏକ ଅଜଣା ଗଭୀରତା ଭିତରେ ପଶିଗଲା ଭଳି ଅନୁଭୂତ ହେବ। କାରଣ ଏହା ଉପରେ ହୋଇଥିବା ଥ୍ରୀଡି ପାଟର୍ନର ରହସ୍ୟମୟ ଗାତ୍ରର ଆରମ୍ଭ, ଅନ୍ତ କେଉଁଠି ଜଣାପଡ଼େନି। ଆଉ ଭିନ୍ନ ଏକ ଦୁନିଆର ରାସ୍ତା ପରି ଲାଗେ।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସ୍ୱାତୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ:ଓଡ଼ିଶା ଫ୍ୟାଶନଭିଲ୍ଲା

## ହାଃ ହାଃ

### ଡ୍ରାଇଭିଂ ଲାଇସେନ୍ସ


ମହିଳା ଡ୍ରାଇଭିଂ ଲାଇସେନ୍ସର ଇଣ୍ଟରଭ୍ୟୁ ଦେବାକୁ ଯାଇଥାନ୍ତି। ଅଫିସର ମହିଳାଙ୍କୁ: ଯଦି ଆପଣଙ୍କ ଗାଡି ସାମ୍‌ନାକୁ ଭାଇ ଓ ସ୍ୱାମୀ ଚାଲିଆସନ୍ତି ତେବେ କାହାକୁ ମାରିବେ ?
ମହିଳା କିଛି ସମୟ ଭାବିବା ପରେ: ସ୍ୱାମୀଙ୍କୁ।
ଅଫିସର: ଭୁଲି ଯାଉଛନ୍ତି ବୋଧେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଇଣ୍ଟରଭ୍ୟୁ ଦେଉଛନ୍ତି। ଆପଣ ବ୍ରେକ୍ ମାରିବେ, ସ୍ୱାମୀଙ୍କୁ ନୁହେଁ।

### ଝିଟିପିଟି


ଶିକ୍ଷକ ପପୁଙ୍କୁ: ଝିଟିପିଟି କ'ଣ ?
ପପୁ: ଝିଟିପିଟି ଏକ ଗରିବ କୁମ୍ଭୀର, ଯାହାକୁ ପିଲାଦିନେ ବର୍ନଭିଟା ବାଲା କ୍ଷୀର ପିଇବାକୁ ମିଳିନି। ତେଣୁ ସେ କୁପୋଷଣର ଶିକାର ହୋଇଗଲା।

### କାନ

ଶିକ୍ଷକ: କାନ୍ଥବାଡର ବି କାନ ଥାଏ। ଏହାର ଅର୍ଥ କିଏ କହିପାରିବ ?
ମଣ୍ଟୁ: ଏହାର ଅର୍ଥ ହେଉଛି ଯେ, କେହି ବି କାନ୍ଥ ଉପରେ ସୁସୁ କରିବା ଠିକ୍ ନୁହେଁ। ନହେଲେ କାନ୍ଥର କାନ ଭିତରେ ସୁସୁ ପଶିଯିବ।









## ଅନନ୍ୟ ଶୈବପୀଠ

# ଭୀମାଶଙ୍କର

**ପ୍ରସିଦ୍ଧ ଶୈବପୀଠ ଭୀମାଶଙ୍କର ମହାରାଷ୍ଟ୍ରର ପୁଣେଠାରୁ ପ୍ରାୟ ୧୨୭ କି.ମି. ଦୂରରେ ଥିବା ସହ୍ୟାଦ୍ରି ନାମକ ପର୍ବତ ଉପରେ ଅବସ୍ଥିତ। ଭାରତରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏହା ହେଉଛି ଗୋଟିଏ...**

ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର ଭୀମାଶଙ୍କର ମହାରାଷ୍ଟ୍ରର ପୁଣେଠାରୁ ପ୍ରାୟ ୧୨୭ କି.ମି. ଦୂରରେ ଥିବା ସହ୍ୟାଦ୍ରି ନାମକ ପର୍ବତ ଉପରେ ଅବସ୍ଥିତ। ଏହି ଶୈବପୀଠ ଭାରତରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ଉକ୍ତ ମନ୍ଦିର ନିକଟରୁ ଭୀମା ନାମକ ଏକ ନଦୀ ପ୍ରବାହିତ ହୋଇ କୃଷ୍ଣା ନଦୀରେ ମିଶିଛି।

### ଆବିର୍ଭାବକୁ ନେଇ ଲୋକକଥା

ଭୀମାଶଙ୍କର ଜ୍ୟୋତିର୍ଲିଙ୍ଗଙ୍କ ଆବିର୍ଭାବକୁ ନେଇ ଏକ ଲୋକକଥା ରହିଛି। ଲଙ୍କାପତି ରାବଣଙ୍କ ସାନଭାଇ କୁମ୍ଭକର୍ଣ୍ଣଙ୍କର ଜଣେ ପୁତ୍ର ହେଲେ ଭୀମାସୁର। ତାଙ୍କ ବାପା କୁମ୍ଭକର୍ଣ୍ଣଙ୍କର ମୃତ୍ୟୁ ଭଗବାନ ରାମଙ୍କ ହାତରେ ହୋଇଥିବା କଥା ଭୀମାସୁରଙ୍କୁ ପ୍ରଥମେ ଜଣା ନ ଥିଲା। ପରେ ସେ ଯେତେବେଳେ ତାଙ୍କ ମାତାଙ୍କଠାରୁ ସମସ୍ତ କଥା ଜାଣିଲେ, ତାଙ୍କ ଭିତରେ ପ୍ରତିଶୋଧର ହିଂସା ଜାଗ୍ରତ ହୋଇଥିଲା। ନିଜ ଉଦ୍ଦେଶ୍ୟକୁ ସାକାର କରିବାକୁ ଯାଇ ସେ ପ୍ରଥମେ କଠୋର ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ବ୍ରହ୍ମା ତାଙ୍କୁ ବିଜୟୀ ହେବାର ଆଶୀର୍ବାଦ ଦେଇଥିଲେ। ଏହାପରେ ଭୀମାସୁର ମନୁଷ୍ୟଙ୍କ ସମେତ ଦେବଦେବୀଙ୍କ ଉପରେ ଅତ୍ୟାଚାର କରିବା ଆରମ୍ଭ କରିଦେଇଥିଲେ। ଭୟଭୀତ ଦେବଦେବୀ ଉପାୟଶୂନ୍ୟ ହୋଇ ଶେଷରେ ଭଗବାନ ଶିବଙ୍କ ଶରଣ ପଶିଥିଲେ, ଯଦ୍ଦ୍ୱାରା ଶିବ ଓ ଭୀମାସୁରଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଆଉ ଏହି ଯୁଦ୍ଧରେ ପ୍ରଭୁଙ୍କ ହାତରେ ଭୀମାସୁରଙ୍କର ବଧ ହେଲା। ଯେଉଁ ସ୍ଥାନରେ ଏହି ଘଟଣାଟି ଘଟିଥିଲା ତାହା ଥିଲା ମହାରାଷ୍ଟ୍ରସ୍ଥିତ ସହ୍ୟାଦ୍ରି ପାହାଡ଼। ପରବର୍ତ୍ତୀ ସମୟରେ ଦେବତାମାନଙ୍କ ଅନୁରୋଧ କ୍ରମେ ଭଗବାନ ଶିବ ଭୀମାଶଙ୍କର ଜ୍ୟୋତିର୍ଲିଙ୍ଗ ରୂପରେ ଏହି ସ୍ଥାନରେ ଆବିର୍ଭୂତ ହୋଇ ପୂଜା ପାଇବାକୁ ଲାଗିଲେ।

### ଲୋକବିଶ୍ୱାସ

ଯେଉଁ ଭକ୍ତ ଶ୍ରଦ୍ଧାର ସହକାରେ ସୂର୍ଯ୍ୟୋଦୟ ସମୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମକୁ ସ୍ମରଣ କରି ଭୀମାଶଙ୍କର ମନ୍ଦିର ପରିଦର୍ଶନ କରିଥାନ୍ତି, ତାଙ୍କର ସାତ ଜନ୍ମର ପାପ କ୍ଷୟ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

### ମନ୍ଦିରର ଗଠନଶୈଳୀ

ଭୀମାଶଙ୍କର ମନ୍ଦିର ନାଗରା ଶୈଳୀର ବାସ୍ତୁକଳାରେ ତିଆରି ଏକ ପ୍ରାଚୀନ ତଥା ନୂଆ ସଂରଞ୍ଜନାର ସମ୍ମିଶ୍ରଣ। ଏହି ମନ୍ଦିରର ସ୍ଥାପତ୍ୟ କଳାକୁ ଦେଖିଲେ ପ୍ରାଚୀନ କାଳର ବାସ୍ତୁଶିଳ୍ପୀମାନଙ୍କର କୁଶଳୀ କାରିଗରି ସମ୍ପର୍କରେ ଅନେକ କିଛି ଶିଖିବାକୁ ମିଳିଥାଏ। କୁହାଯାଏ, ମରାଠା ଶାସକ ଛତ୍ରପତି ଶିବାଜୀ ମହାରାଜ ଏହି ମନ୍ଦିରରେ ପୂଜା ପାଇଁ ଅନେକ ବ୍ୟବସ୍ଥା କରାଇଥିଲେ।

### ଆଉ କ'ଣ ଦେଖିବେ

ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଏକ ବନ୍ୟଜୀବ ଅଭୟାରଣ୍ୟ ରହିଥିବା ଦେଖିବାକୁ ମିଳିଥାଏ। ତା'ଛଡ଼ା ହନୁମାନ ହ୍ରଦ, ଗୁପ୍ତ ଭୀମାଶଙ୍କର, ଭୀମା ନଦୀର ଉତ୍ପତ୍ତିସ୍ଥଳ, ନାଗଫଣୀ, ବମ୍ବେ ପଏଣ୍ଟ, ସାକ୍ଷୀ ବିନାୟକ ଭଳି ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ ବି ପର୍ଯ୍ୟଟକ ଏଠାରେ ଦେଖିବାକୁ ପାଇବେ। ସେହିପରି ଟ୍ରେକିଂ ପ୍ରିୟ ପର୍ଯ୍ୟଟକ ଏଠାରେ ଟ୍ରେକିଂର ମଜା ମଧ୍ୟ ଉଠାଇପାରିବେ।

### କେବେ ଓ କେମିତି ଯିବେ

ଏଠାକୁ ବର୍ଷର ଯେ କୌଣସି ସମୟରେ ଯାଇହେବ। ତେବେ ମହାଶିବରାତ୍ରୀ ସମୟରେ ଏଠାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବାରୁ ସେହି ସମୟରେ ଏଠାରେ ବେଶ୍ ଜନଗହଳି ଦେଖିବାକୁ ମିଳିଥାଏ। ତା'ଛଡ଼ା ଯେଉଁମାନେ ଏଠାରେ ଟ୍ରେକିଂ କରିବାକୁ ଇଚ୍ଛା ରଖିଥାନ୍ତି ସେମାନେ ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସମୟରେ ଏଠାକୁ ଆସି ଟ୍ରେକିଂର ଭରପୂର ମଜା ନେଇପାରିବେ। ସେହିପରି ଏଠାକୁ ଯିବାପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ଭଲ ସୁବିଧା ରହିଛି। ପର୍ଯ୍ୟଟକ ଚାହିଁଲେ ପ୍ରଥମେ ପୁଣେରେ ପହଞ୍ଚି ସେଠାରୁ ଟାଉନ୍ ବସ୍ ଯୋଗେ ସୁବିଧାରେ ଯାଇ ଭୀମାଶଙ୍କର ମନ୍ଦିରରେ ପହଞ୍ଚିପାରିବେ। ତେବେ ମହାଶିବରାତ୍ରି ସମୟରେ ଏଠାରେ ବହୁ ଭକ୍ତଙ୍କ ସମାଗମ ହେଉଥିବାରୁ ସରକାରଙ୍କ ତରଫରୁ କେତୋଟି ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଥାଏ।















# ସ୍ତ୍ରୀଙ୍କ ପାଇଁ ତାଜମହଲ ଭଳି ଘର

**ଶା**ହଜାହାନ ନିଜର ଅତି ପ୍ରିୟ ରାଣୀ ମମତାଜଙ୍କ ସ୍ମୃତିରେ ପ୍ରେମର ସ୍ମାରକୀଭାବେ ପରିଚିତ ତାଜମହଲକୁ ନିର୍ମାଣ କରିଥିଲେ। ଏହାକୁ ଦେଖିଲେ ଅନୁଭବ ହୁଏ ସତରେ ଶାହଜାହାନ ମମତାଜଙ୍କୁ କେତେ ଭଲ ପାଉଥିଲେ। ହେଲେ ଆଜିର ଯୁଗରେ କିଏ କ'ଣ କାହାକୁ ଏତେ ଭଲ ପାଇପାରେ ବୋଲି ମଧ ମନରେ ପ୍ରଶ୍ନ ଉଠେ। ତେବେ ମଧ୍ୟପ୍ରଦେଶର ବୁରହାନପୁରରେ ଦେଖିବାକୁ ମିଳିଛନ୍ତି ଆଉ ଜଣେ ଶାହଜାହାନ ଓ ମମତାଜ। ତେବେ ଏଇ ଶାହଜାହାନ ପତ୍ନୀଙ୍କ ମୃତ୍ୟୁ ପରେ ନୁହେଁ ବରଂ ଜୀବିତ ଅବସ୍ଥାରେ ହିଁ ତିଆରି କରିଛନ୍ତି ଏକ ତାଜମହଲ। ବ୍ୟକ୍ତିଜଣକ ହେଉଛନ୍ତି ଆନନ୍ଦ ଚୌକସେ। ସେ ନିଜ ସ୍ତ୍ରୀଙ୍କୁ ଏତେ ଭଲ ପାଆନ୍ତି ଯେ, ତାଜମହଲ ପରି ଏକ ଘର ତିଆରି କରି ସ୍ତ୍ରୀଙ୍କୁ ଉପହାରସ୍ୱରୂପ ପ୍ରଦାନ କରିଛନ୍ତି। ଏଇ ଘର ଭିତରର କାରୁକାର୍ଯ୍ୟ ପାଇଁ ସେ ଇନ୍ଦୋର ଓ ପଶ୍ଚିମବଙ୍ଗରୁ କଳାକାରଙ୍କ ସାହାଯ୍ୟ ନେଇଥିଲେ। ସତ ସତିକା ତାଜମହଲ ପରି ଦେଖାଯାଉଥିବା ଏଇ ଘରେ ୪ଟି ବେଡରୁମ୍(ଦୁଇଟି ତଳେ ଓ ଦୁଇଟି ଉପରେ), ଏକ କିଚେନ, ଏକ ଲାଇବ୍ରେରୀ ଓ ଏକ ମେଡିଟେସନ୍ ରୁମ୍ ଅଛି। ୩ ବର୍ଷ ଲାଗିଥିଲା ଏହାକୁ ତିଆରି କରିବା ପାଇଁ। ତାଜମହଲ ପରି ଏଇ ଘରେ ବି ମୀନାର ଅଛି। ଘରର ଫ୍ଲୋରିଂ ରାଜସ୍ଥାନର ମକରାନା ଓ ଆସବାବପତ୍ର ମୁମ୍ବାଇର କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ତା'ଛଡା ଘରର ବାହାର ଓ ଭିତରପଟେ ଏଭଳି ଲାଇଟ୍ ବ୍ୟବସ୍ଥା କରାଯାଇଛି ଯେ, ରାତିର ଅନ୍ଧାରରେ ବି ଏହା ସତସତିକା ତାଜମହଲ ପରି ଚମକୁଥିବା ପରି ଲାଗେ।

## କାର୍ଟୁନ କର୍ନର



# ତୁମ ଐଶ୍ୱରିକ ପ୍ରେମ ସାଂସାରିକ ପ୍ରେମଠାରୁ ଅଧିକ କି

ଟିକିଏ ଏଇ କଥା ଉପରେ ଆଗେ ଚିନ୍ତା କରନ୍ତୁ ଆଉ ପରେ 'ମୋତେ କାହିଁକି ଈଶ୍ୱରଙ୍କ ଦର୍ଶନ ମିଳୁନି ?' ବୋଲି ପ୍ରଶ୍ନ କରିବେ । ନିଜର ଏକମାତ୍ର ପୁଅ ବା ଝିଅର ଦେହମୁଣ୍ଡ ଖରାପ ହେଲେ ତୁମେ ଯେତିକି ମନସ୍ତାପରେ ରୁହ, ଈଶ୍ୱରଙ୍କ ଦର୍ଶନ ହେଲା ନାହିଁ ବୋଲି କେବେ ସେତିକି ଚିନ୍ତାରେ ରହିଛ ? ନିଜ ପାଇଁ ଦାମୀ ଡ୍ରେସ୍ କିଣି ପିନ୍ଧୁଛ । କିନ୍ତୁ ନିଜ ଠାକୁର ଘରେ ଥିବା ରାମ କିମ୍ବା କୃଷ୍ଣଙ୍କ ମୂର୍ତ୍ତିରେ ମିଟର ଦଶ ଟଙ୍କିଆ ନାଲିଆ ସାଲୁ କନା ଖଣ୍ଡେ ଗୁଡ଼ାଇ ଦେଇଛ । ସପ୍ତାହର ବାର ଅନୁସାରେ ନିଜ ଘରେ ତୁମେ ଖାଇବାର ମେନୁ ପରିବର୍ତ୍ତନ କରି ଆଜି ବିରିୟାନୀ ତ କାଲି ପଲାଉ କରି ଖାଉଛ । ତେଣେ ଠାକୁର ଘରେ ଥିବା ଫଟୋ ଆଉ ମୂର୍ତ୍ତି ପାଖରେ ମାସ ସାରା ଶୁଖିଲା ଉଖୁଡ଼ାରେ କାମ ଚଳେଇ ଦେଉଛ । ଠାକୁର କୋଉ ଖାଆନ୍ତି ଯେ– ମନରେ ଏପରି ଭାବନା ଅଛି ବୋଲି ସିନା ! ଯଦି ମନରେ ଭାବନା ଥାଆନ୍ତା ଯେ, ହଁ ମୁଁ ଯୋଉ ଠାକୁରଙ୍କୁ ଭକ୍ତି କରୁଛି ବା ପୂଜା କରୁଛି, ସେ ସତକୁ ସତ ଠାକୁର ଘରେ ରହୁଛନ୍ତି ବୋଲି, ତେବେ ତୁମେ ନିଜେ ଗୋଟିଏ ଘରେ ନ' ତିଅଣ ଛ'



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ୟାସୀ ଜୀ**

ଭଜା ଖାଇ କାନ୍ଥର ଠିକ୍ ଆରପଟେ ଥିବା ଠାକୁର ଘରେ ତୁମ ଇଷ୍ଟଙ୍କୁ କେମିତି ଶୁଖିଲା ଉଖୁଡ଼ା ଭୋଗ ଲଗାଇ ପାରୁଥାନ୍ତ ? ଠାକୁର ଘରେ ଠାକୁର ଅଛନ୍ତି ବୋଲି ଭାବୁଥିଲେ ତୁମ ପେଟକୁ ପରା ଦାନା ଯାଆନ୍ତା ନାହିଁ ।

ତୁମ ଉପରେ କିଛି ବିପତ୍ତି ପଡ଼ିଲେ ତୁମେ କେମିତି କାନ୍ଦି କୁନ୍ଥେଇ ବିକଳ ହୁଅ । ଆଖିରୁ କେମିତି ଲୋତକ ଝରାଅ । ଆଚ୍ଛା, ଈଶ୍ୱରଙ୍କ ପାଇଁ ଦିନେ କେବେ ସେମିତି ଆଖିରୁ ଲୁହ ବୁହାଇଲଣି ? ଅବଶ୍ୟ କିଛି ଲୋକ ଅଛନ୍ତି, ଠାକୁରଙ୍କ କଥା କହୁ କହୁ କାନ୍ଦିପକାନ୍ତି । ଏମାନଙ୍କୁ ଅଭକ୍ତ କିମ୍ବା ସମ୍ପୂର୍ଣ୍ଣ ଭକ୍ତ ବୋଲି କହି ହେବନି । କାରଣ ନିଜକୁ ଅମକ ଗୁରୁ ବା ଅମକ ଦେବତାଙ୍କର ଜଣେ ଏକନିଷ୍ଠ ଭକ୍ତ ବା ଶିଷ୍ୟ ବୋଲି ଅନ୍ୟକୁ ଜଣାଇ ହେବା ପାଇଁ ଏମାନଙ୍କ ଭିତରେ ବି ବହୁତ ଲୋକ ଥାଆନ୍ତି ।

ଆଉ ତ କେତେ ଲୋକ ଅଛନ୍ତି, ସେମାନେ ଠାକୁର ଘରେ ରହି ପୂଜା କରୁଥିବେ । ଏଣେ ମଝିରେ ମଝିରେ ରହି ନିଜ ସ୍ତ୍ରୀ, ପିଲାଛୁଆଙ୍କୁ ପଚାରୁଥିବେ– ଆରେ ଦେଖିବଟି ଇଣ୍ଡିଆ ଆମର କେତେ ରନ୍ କଲା ? – ପେପରବାଲା ପେପର ଦେଲାଣି ? – ଟିଉସନ ମାଷ୍ଟର ଆସିଲେଣି ? – ଗାଈ ଦୁହାଁ ଆରମ୍ଭ ହେଲାଣି ? ଇତ୍ୟାଦି ଅନେକ କଥା । ଆରେ ବାବା, ତୁମର ଇୟେ କି ଅଭ୍ୟାସ ? ତୁମେ ପରା ଠାକୁର ପୂଜା କରୁଛ ! ଠାକୁର ଘରେ ବସି ଏମିତି କଥା ହେବା ପ୍ରମାଣ କରୁଛି ଯେ, ତୁମେ ଠାକୁରଙ୍କୁ ମୂର୍ତ୍ତି ବା ଫଟୋ ବୋଲି ଭାବୁଛ । ଯଦି ଠାକୁର ଘରେ ଥିବା ରାମ, କୃଷ୍ଣ, ହନୁମାନ, ଜଗନ୍ନାଥ ବା



କାଳୀଙ୍କର ଚୈତନ୍ୟ ଏବଂ ଚିନ୍ମୟ ସତ୍ତା ପ୍ରତି ତୁମର ହୋସ ଥାଆନ୍ତା, ତେବେ ସେଠାରେ ବସି ତୁମେ କ'ଣ ଏଡ଼େ ପାଟିରେ ଏମିତି କଥା ହୋଇପାରନ୍ତ ?

ଆଉ ପାଦେ ଆଗକୁ ଯିବା । ଗାଁ ବା ସାହିରେ ସରସ୍ୱତୀ ବା ଗଣେଶଙ୍କ ପୂଜା ହେଉଥିବ, କିନ୍ତୁ ଗୀତ ବାଜୁଥିବ 'ବୋତଲ ଭାଙ୍ଗିବି ଗୋରୀ ତୋ ଦୁଆରେ', 'ପଡ଼ିଶା ଘର ଝିଅ ଯାଉଛି ଶିବ ମନ୍ଦିର' ପରି ଆଧୁନିକ ଗୀତ ସମୂହ । ଏବେ ତ କ'ଣ ଗୋଟିଏ ଗୀତ ବାହାରିଛି 'ଅରୁଆ ଭାତକୁ ଗୁଆଘିଅ' । ଅକ୍ଷର ଶିଖି ନ ଥିବା ମାତ୍ର ଚାରି ବର୍ଷର ମୋ ବଡ଼ ଭାଇର ଝିଅ କୋଉଠୁ ଏ ଗୀତ ଶୁଣି ଯେତେବେଳେ ମନେପଡ଼ିଯାଉଛି ଗାଇ ବସୁଛି । ଏବେକାର ପରିବେଶ ଆଉ ପରିସ୍ଥିତି ଏତେ ବିଷାକ୍ତ ଆଉ ଅବ୍ୟବସ୍ଥିତ ଯେ, ନିଜ ପୁଅ ଝିଅଙ୍କୁ ସଂସ୍କାରର ଗଣ୍ଡି ଭିତରେ ରଖିବାକୁ ଯେତେ ଚେଷ୍ଟା କଲେ ବି କୁସଂସ୍କାରର ପ୍ରବଳ ଝାଞ୍ଜି ମାଡ଼ରେ ସଂସ୍କାରର ସବୁ ସୀମା ସରହଦ ଭାଙ୍ଗି ଯାଉଛି । ଏବେକାର ପାଠପଢୁଆ ପିଲାମାନେ ଯେଉଁମାନେ ଗଣେଶ, ସରସ୍ୱତୀ, ଦୁର୍ଗା, ଭାଲୁକୁଣୀଙ୍କୁ ମେଢ଼ରେ ବସାଇ ପୂଜା କରୁଛନ୍ତି, ସେମାନଙ୍କ ମଗଜରେ ଏତିକି ପଶୁନାହିଁ ଯେ, ପଡ଼ିଶା ଘର ଝିଅ ଶିବ ମନ୍ଦିର ଯିବା ସହ ଦୁର୍ଗା, କାଳୀ ବା ଗଣେଶଙ୍କର ସମ୍ପର୍କ କ'ଣ ? ଠାକୁରଙ୍କ ସମ୍ମୁଖରେ ଏହି ଗୀତକୁ ବଜାଇ ତା' ସହିତ ତାଳ ଦେଇ ନ ନାଚିଲେ ଗଣେଶ କ'ଣ ଅଭିଶାପ ଦେବେ ?

ଘରେ ହେଉ ବା ବାହାରେ ଏବେ ଆମର ପୂଜା, ଆରାଧନା ବା ଉପାସନା ଏଇ ସ୍ତରରେ ପହଞ୍ଚିଲାଣି । ଠାକୁରଙ୍କୁ ଆମେ ଜୋକର ବନେଇ ସାରିଲୁଣି । ଏଥିରେ କ'ଣ ନା ଆମକୁ ଈଶ୍ୱର ମିଳୁନାହାନ୍ତି । ଆରେ ବାବୁ, ଈଶ୍ୱରଙ୍କ ଚୈତନ୍ୟ ସତ୍ତାକୁ କେବେ ବୁଝିଲଣି ? ସାଂସାରିକ ପ୍ରେମକୁ ଦୂରରେ ଥୋଇ ତାଙ୍କ ପ୍ରତି ଥିବା ନିଜ ପ୍ରେମର ମାତ୍ରାକୁ ବଢ଼େଇଲଣି ? କିଛି ନାହିଁ । କେବଳ ଖାଲି ଲୋକଦେଖାଣିଆ ପ୍ରହସନ କରି ଚାଲୁଛ ଯାହା ।

ବହୁତ ଦିନ ତଳେ ବୃନ୍ଦାବନରେ ଘଟିଥିବା ଏକ ସତ୍ୟ ଘଟଣାଟିଏ । ଜଣେ ଶେଠ ନିଜର ସବୁ ସମ୍ପତ୍ତିବାଡ଼ି ବିକ୍ରି କରି ଦେଇ ବୃନ୍ଦାବନକୁ ଚାଲି ଆସି ସେଠାରେ ରହିବାକୁ ଆରମ୍ଭ କଲେ । ପ୍ରତ୍ୟହ ବାଙ୍କେବିହାରୀଙ୍କୁ ଦର୍ଶନ କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ । କି ଖରା କି ବର୍ଷା, ସବୁଦିନ ସକାଳୁ ପାଦରେ ଚାଲି ଚାଲି ସେ ବାଙ୍କେବିହାରୀ ମନ୍ଦିରକୁ ଯାଆନ୍ତି । ଏହା ଥିଲା ତାଙ୍କର ନିତିଦିନିଆ ପ୍ରାରମ୍ଭିକ କାର୍ଯ୍ୟ ।

ଦିନେ ସକାଳୁ ଶେଠ ମନ୍ଦିରକୁ ଏମିତି ଯାଉଥା'ନ୍ତି । ରାସ୍ତାରେ ଯିବାବେଳେ ପାର୍ଶ୍ୱସ୍ଥ ଏକ ଫୁଲ ଦୋକାନରେ ସୁନ୍ଦର ପଦ୍ମଫୁଲଟିଏ ବିକ୍ରି ହେବା ପାଇଁ ରଖାଯାଇଥିବା ଦେଖି ତାକୁ ନେଇ ନିଜ ଇଷ୍ଟଦେବ ବାଙ୍କେବିହାରୀଙ୍କୁ ସମର୍ପଣ କରିବାର ଲୋଭ ହେଲା । ସୁତରାଂ ଦୋକାନୀକୁ ଫୁଲର ଦାମ୍ ପଚାରିବାରୁ ସେ 'ପାଞ୍ଚ ଟଙ୍କା 'ବୋଲି କହିଲା । ଶେଠ ପକେଟରେ ହାତ ପୂରାଇ ଟଙ୍କା ବାହାର କରୁଥିବା ସମୟରେ ପଛରୁ ଗମ୍ଭୀର ଗଳାରେ ପ୍ରଶ୍ନଟିଏ ଆସିଲା– ଆରେ, ସେ ପଦ୍ମଫୁଲର ଦାମ୍ କେତେ କିରେ ? ଦୋକାନୀ ମୁହଁ ଟେକି ଚାହିଁଲା । ଦେଖିଲା ସେ ଅଞ୍ଚଳର ନବାବ ଘୋଡ଼ା ପିଠିରେ ସବାର ହୋଇ ଠିଆ ହୋଇଛନ୍ତି । ନବାବଙ୍କୁ ଦେଖି ଦୋକାନୀ ଜଣକ ତୁରନ୍ତ ପଦ୍ମଫୁଲର ଦାମକୁ ପାଞ୍ଚ ଟଙ୍କାରୁ ପଚାଶ ଟଙ୍କାକୁ ବଢ଼େଇଦେଲା । ଶେଠଙ୍କ କାନରେ ଏ କଥାଟି ପଡ଼ିବାରୁ ସେ ଫୁଲ ଦାମ୍‌କୁ ପାଞ୍ଚଶହକୁ ବଢ଼େଇ ଦେଲେ । ନବାବ କୋଉ ଛାଡ଼ିବା ଲୋକ । କାରଣ ପଦ୍ମଫୁଲଟି ତାଙ୍କର ନିତାନ୍ତ ଦରକାର ଥିଲା । ସେଦିନ ତାଙ୍କ ପତ୍ନୀଙ୍କ ଜନ୍ମଦିନ ଥିବାରୁ ସେ ଏ ସୁନ୍ଦର ପଦ୍ମ ଫୁଲଟିକୁ ତାଙ୍କୁ ଉପହାର ସ୍ୱରୂପ ଦେବା ପାଇଁ ଚାହୁଁଥିଲେ । ତେଣୁ ଫୁଲର ଦାମ୍ ବାବଦରେ ହଜାରେ ଟଙ୍କା ଦେବେ ବୋଲି କହିଲେ । ଏ ଦୁଇ ଜଣଙ୍କ ନିଲାମ ଶୁଣି ଦୋକାନୀ ଖାଲି କୁରୁଳି ଉଠୁଥାଏ । ଯା' ହେଉ ଆଜି ଭଲ ବେପାର ହବ । ନବାବଙ୍କ ମୁହଁରୁ ହଜାର ଟଙ୍କା କଥା ଶୁଣି ଫୁଲଟିକୁ ତାଙ୍କ ହାତକୁ ବଢ଼େଇ ଦେବାକୁ ଉଦ୍ୟତ ହେବା ବେଳେ ଶେଠ ଏକାଥରକେ ପନ୍ଦରଶହ ଟଙ୍କା ଦେବେ ବୋଲି କହିଲେ । ବାସ୍, ଏତିକିରେ ନବାବ ଆଉ ଆଗକୁ ନ ବଢ଼ି ସେ ସ୍ଥାନରୁ ପ୍ରସ୍ଥାନ କଲେ । ଏବେ ଦୋକାନୀଟି ଶେଠଙ୍କୁ କୌତୂହଳର ସହ ପଚାରିଲା– ଆଜ୍ଞା, ପାଞ୍ଚ ଟଙ୍କାର ଏ ପଦ୍ମଫୁଲକୁ ଆପଣ କାହିଁକି ବଢ଼ି କରି ପନ୍ଦରଶହ ଟଙ୍କା ଦେଇ କିଣିନେବାକୁ ଚାହୁଁଛନ୍ତି ଟିକେ କୁହନ୍ତୁ ।

ଶେଠ କହିଲେ– ଆରେ ଭାଇ ! ସାଂସାରିକ ଦୁନିଆର ଗୋଟିଏ ମିଛ ସମ୍ପର୍କ 'ପତ୍ନୀ'ର ଜନ୍ମଦିନରେ ଉପହାର ଦେବା ପାଇଁ ନବାବ ଯେତେବେଳେ ପଦ୍ମଫୁଲଟିଏ ନେବା ପାଇଁ ହଜାରେ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରୁଛନ୍ତି, ସେତେବେଳେ ଏଇ ଫୁଲଟିକୁ ନେଇ ମୋ ବାଙ୍କେବିହାରୀଙ୍କୁ ସମର୍ପିତ କରିବାକୁ ଇଚ୍ଛା ପ୍ରକଟ କରିଥିବା ମୁଁ ଆଜି ପନ୍ଦରଶହ କ'ଣ, ଦରକାର ପଡ଼ିଥିଲେ ପନ୍ଦର ହଜାର ଟଙ୍କାରେ ଏହାକୁ କିଣିଥା'ନ୍ତି । ପତ୍ନୀ ପ୍ରେମ ଅପେକ୍ଷା ମୋ ବାଙ୍କେବିହାରୀଙ୍କ ପ୍ରେମ କ'ଣ ଏତେ ଶସ୍ତା ?

ପାଠକେ ! କଥାଟି ଶୁଣିଲେ ତ ! ଏବେ ଆସନ୍ତୁ, ଆମେ ନିଜକୁ ତଉଲିବା ଆମ ମନରେ ଶେଠଙ୍କ ପରି ଏମିତି ଐଶ୍ୱରିକ ପ୍ରେମ ଅଛି ତ ?

*– ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*


*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଚଳନ୍ତା ନଈର ଛାଇ

**ଡକ୍ଟର କମ୍ବୁପାଣି ସାମନ୍ତ**
**ପ୍ରକାଶକ–ଏଥେନା ବୁକ୍ସ**
**ଭୁବନେଶ୍ୱର, ମୂଲ୍ୟ–୨୫୦ଟଙ୍କା**


ଚଳନ୍ତା ନଈର ଛାଇ ଡକ୍ଟର କମ୍ବୁପାଣି ସାମନ୍ତଙ୍କ ସର୍ଜନଶୀଳ ଗଦ୍ୟ ସମ୍ଭାର । ଏଥିରେ ୫୦ଟି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି । ଆମେ ଦୈନନ୍ଦିନ ଜୀବନରେ ଯେଉଁସବୁ ଚରିତ୍ରକୁ ଭେଟୁଛେ ସେ ଉପରେ ଲେଖକ ଆଲୋକପାତ କରିଛନ୍ତି । ପୁସ୍ତକରେ ସଖା ଅର୍ଜୁନଙ୍କ ପାଖରୁ ଆରମ୍ଭ କରି କ୍ଲାନ୍ତ ଅପରାହ୍ନ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗକୁ ଆଲୋଚନା ପରିସରକୁ ଆଣିଛନ୍ତି । ସେଗୁଡ଼ିକ ଅତି ଚମତ୍କାର ଓ ଉଚ୍ଚକୋଟୀର । ଆପଣା ଭିତର ଅନୁଭୂତି ଛାଇଟିକୁ କାଳେ କାଳେ ଶବ୍ଦାଙ୍କିତ କି ଚିତ୍ରାଙ୍କିତ ବା ଶବ୍ଦରେ ଚିତ୍ର ଅଙ୍କନ କି ଚିତ୍ରରେ ଶବ୍ଦ ପ୍ରଦାନ ଭିତରେ ଧରି ରଖିବାର ପ୍ରୟାସ ପୁସ୍ତକରେ ହୋଇଛି । ବିଷୟଗୁଡ଼ିକ ମନୁଷ୍ୟକୁ ଚେତନଶୀଳ, ସର୍ଜନଶୀଳ, ବୁଦ୍ଧିଦୀପ୍ତ କି ଯୁକ୍ତି ସିଦ୍ଧତାର ମର୍ଯ୍ୟାଦା ପ୍ରଦାନ କରିଛି । ତେଣୁ ଲେଖକ ଡକ୍ଟର ସାମନ୍ତଙ୍କ ପୁସ୍ତକ ପାଠକ ଓ ଗବେଷକଙ୍କୁ ଆକର୍ଷିତ କରିବ ସନ୍ଦେହ ନାହିଁ ।




### ସୁମିତ୍ରାର କାନ୍ଦ

**ଲେଖିକା–ଭାନୁମତୀ ସାହୁ**
**ପ୍ରକାଶକ–କିତାବ ଭବନ, ଭୁବନେଶ୍ୱର**
**ମୂଲ୍ୟ–୧୪୪ଟଙ୍କା**

ସୁମିତ୍ରାର କାନ୍ଦ ଗଳ୍ପ ସଂକଳନର ଲେଖିକା ହେଉଛନ୍ତି ଚଳନ୍ତି ସମୟର ଅନ୍ୟତମ ସାରସ୍ୱତ ସାଧିକା ଭାନୁମତୀ ସାହୁ । ଏଥିରେ ୨୨ଟି ଗଳ୍ପ ସ୍ଥାନିତ ହୋଇଛି । ଶେଷ ଗଳ୍ପର ନାମ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି ; ଯାହା ଏକ ପାରିବାରିକ କାହାଣୀକୁ ନେଇ ରଚନା କରାଯାଇଛି । ସୁମିତ୍ରା ଆଉ ତାଙ୍କ ପୁଅ ଶରତଙ୍କ ଚରିତ୍ରକୁ ନେଇ ଲେଖିକା ଚମତ୍କାର ଭାବେ ଗପଟିକୁ ପାଠକଙ୍କୁ ଭେଟି ଦେଇଛନ୍ତି । ଶରତ ବାହା ହେବାକୁ ମନା କରିବାରୁ ସୁମିତ୍ରା କିଭଳି ହତବାକ୍ ସହ ମ୍ରିୟମାଣ ହୋଇ କୋହ ସମ୍ଭାଳି ନ ପାରି କାନ୍ଦି ପକାଇଛନ୍ତି ସେ କଥା ଗପରେ ଉଲ୍ଲେଖ କରାଯାଇଛି । ନାରୀ ମନସ୍ତତ୍ତ୍ୱକୁ ଅତି ନିଖୁଣ ଭାବରେ ରୂପାୟିତ କରି ଚାଲିଛନ୍ତି ଲେଖିକା ଭାନୁମତୀ । ଗଳ୍ପଗୁଡିକରେ ଥିବା ମର୍ମସ୍ପର୍ଶୀ କାହାଣୀ ଯାହା ପାଠକଙ୍କୁ ନିଶ୍ଚୟ ଆପ୍ଲୁତ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।




### ଜୀବନ ଯମୁନାରେ

**ଲେଖିକା–ଜାସ୍ମିନ ମହାପାତ୍ର**
**ପ୍ରକାଶକ–କାବ୍ୟଲୋକ, ଭୁବନେଶ୍ୱର**
**ମୂଲ୍ୟ–୧୫୦ଟଙ୍କା**

ଜୀବନ ଯମୁନାରେ ଜାସ୍ମିନ ମହାପାତ୍ରଙ୍କ କବିତା ସଂକଳନ । ଏଥିରେ ୫୨ଟି କବିତା ସ୍ଥାନ ପାଇଛି । କବୟିତ୍ରୀ 'ପ୍ରଣାମ'ରେ ଆରମ୍ଭ କରି 'ଅଭ୍ୟାନ ପାଇଁ କବିତା'ରେ ଶେଷ କରିଛନ୍ତି । ପ୍ରଣାମରେ କହୁଛନ୍ତି, ତୁମକୁ ଶତଶତ ନମସ୍କାର/ଅକିଞ୍ଚନର ଅସୀମକୁ/ଶୁଷ୍କ ଦୁର୍ବାଦଳର/ପ୍ରଭଞ୍ଜନକୁ/କୋଟି କୋଟି ଜୁହାର ପ୍ରଭୁ/ କୋଟି କୋଟି ଜୁହାର । କେତେ ଚମତ୍କାର ଭାବ ଆଉ ଭାବନାରେ ପ୍ରଭୁଙ୍କ ଚରଣାଶ୍ରିତ ହୋଇଛନ୍ତି ଲେଖିକା । ସେହିପରି ଶେଷରେ ଅଭ୍ୟାନ ପାଇଁ କବିତାରେ ସେ କହିଲେ ହସିଲେ ତୁ ମୋର ପେଟ ପୂରିଉଠେ/କହିଲୁ କେମିତି ଯିବିମୁଁ ଛାଡି/ବଡ ହୋଇ ଯା' ରକେଟ୍ ଚଢିକି/ ଯେଉଁଠି ଥିବି ମୁଁ ଆସିବୁ ଉଡି । ଏ ଯେଉଁ ମମତାର କଥା ଅଭ୍ୟାନ ପାଇଁ କହିଛନ୍ତି ତାହା ବାସ୍ତବରେ ମାତୃତ୍ୱର ଅନାବିଳ ପରିଚୟ ଦେଉଛି । ଆଶା ପୁସ୍ତକଟି ବକ୍ଷଲଗ୍ନା ହେବ ।




# ଲମ୍ବା ବେକ ଥିବା କୁକୁର



**ସ**ବୁ ପ୍ରାଣୀଙ୍କର ନିଜସ୍ୱ କିଛି ବିଶେଷତ୍ୱ ଥାଏ, ଯାହାକି ତାକୁ ଭିନ୍ନ ପରିଚୟ ଦେଇଥାଏ । କିନ୍ତୁ ବେଳେବେଳେ ଏମିତି ବି ହୁଏ ଯେବେ ଗୋଟିଏ ପ୍ରାଣୀର ବିଶେଷତ୍ୱ ଅନ୍ୟ ଏକ ପ୍ରାଣୀଠାରେ ଦେଖାଯାଇଥାଏ । ଫଳରେ ଲୋକେ ତାକୁ ଦେଖି ଦ୍ୱନ୍ଦ୍ୱରେ ପଡିଯାଆନ୍ତି । ସେମିତି ଏକ ଘଟଣା ଦେଖିବାକୁ ମିଳିଥିଲା ୨୦୧୬ରେ । ଲୁଇସା କ୍ରୁକ ନାମ୍ନୀ ଜଣେ ରେସ୍କ୍ୟୁୟର ଦୁର୍ଘଟଣାରେ ଗୁରୁତରଭାବେ ଆହତ ଅବସ୍ଥାରେ ପଡିଥିବା ଅଜବାଖ ପ୍ରଜାତିର ଏକ କୁକୁରକୁ ଉଦ୍ଧାର କରିଥିଲେ । ପରେ କୁକୁରଟିର ଗୋଟିଏ ହାତ ଓ ଗୋଡ କଟା ଯାଇଥିଲା । ଏହି ପ୍ରଜାତିର କୁକୁରଙ୍କ ବେକ ସାଧାରଣତଃ ଲମ୍ବା ହୋଇଥାଏ । କିନ୍ତୁ ଉଦ୍ଧାର ହୋଇଥିବା ସେହି କୁକୁରର ବେକ କିନ୍ତୁ ସାଧାରଣରୁ ଅଧିକ ଲମ୍ବା ଥିଲା । ତାସହ ତା'ର ବେକରେ ଜିରାଫ ଶରୀରରେ ଥିବା ଚିହ୍ନ ପରି ଚିହ୍ନ ଅଛି । ହେଲେ ଏହି ପ୍ରଜାତିର କୁକୁରଙ୍କ ଶରୀରରେ କିନ୍ତୁ ଏଭଳି ଚିହ୍ନ ନ ଥାଏ । ଫଳରେ ସେ ଲାଗେ ସବୁଠୁ ଖାସ୍ । କେହି କେହି ତ ତାକୁ ଜିରାଫ କୁକୁର ବି କହୁଛନ୍ତି ।

# ପିଲାଦିନର ତିକ୍ତ ଅନୁଭୂତି ପାଇଁ ପାଲଟିଲେ ରାକ୍ଷସ

**ଅ**ନେକ ସମୟରେ ଦେଖାଯାଏ ପିଲାଦିନର କିଛି ତିକ୍ତ ଅନୁଭୂତି ପିଲାଙ୍କ କୋମଳ ମନରେ ଘର କରି ରହିଯାଏ । ଏମିତିକି ସାରା ଜୀବନ ତାହା ମନରୁ ଲିଭିପାରେନା । ଆଉ ମଣିଷର ଜୀବନଧାରାକୁ ବଦଳାଇ ଦିଏ । ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଇଂଲଣ୍ଡର ବ୍ରାଇଟନ୍‌ରେ । ଏଠାକାର ୨୬ ବର୍ଷୀୟ ବ୍ଲାଦ ବନ୍ କିଚ୍‌ଙ୍କ ପିଲାଦିନର ତିକ୍ତ ଅନୁଭୂତି ତାଙ୍କୁ ଏକ ଭିନ୍ନ ମଣିଷ ରୂପେ ଗଢି ତୋଳିଛି । ପିଲାଦିନେ ବ୍ଲାଦ ଦେଖିବାକୁ ଏତେଟା ସୁନ୍ଦର ନ ଥିଲେ । ସେଥିପାଇଁ ସମସ୍ତେ ତାଙ୍କୁ ଚିଡାଉଥିଲେ । କିଏ ତାଙ୍କୁ ରାକ୍ଷସ, ଦାନବ ତ କିଏ ସୈତାନ କହି ଚିଡାଉଥିଲେ । ସବୁଦିନର ଏଇ ଘଟଣା ତାଙ୍କ ମନରେ ଏମିତି ଘର କରିଗଲା ଯେ, ବଡ ହେବାପରେ ସେ ସତକୁ ସତ ରାକ୍ଷସ ହେବାକୁ ଚାହିଁଲେ ତଥା ରାକ୍ଷସ ପରି ଦେଖାଯିବା ପାଇଁ ନିଷ୍ପତ୍ତି ନେଲେ । ଆଉ ଏବେ ସେ ମୁଣ୍ଡରେ ସିଙ୍ଗ ନ ଲଗାଇ ଘରୁ ବାହାରନ୍ତି ନାହିଁ । ତା'ସହିତ ବଡ ବଡ ନଖ, ବଡ ବଡ ଦାନ୍ତ ଓ ଜଟା ଥିବା ଲମ୍ବା କେଶ ତାଙ୍କର ପରିଚୟ ପାଲଟିଗଲାଣି । ରାକ୍ଷସ ହେବା ପାଇଁ ସେ ହେଭି ମେକ୍‌ଅପ୍‌ର ସାହାରା ବି ନିଅନ୍ତି । ଏଥିପାଇଁ ତାଙ୍କୁ ୩-୪ ଘଣ୍ଟା ସମୟ ଲାଗିଥାଏ । ଏବେ ବ୍ଲାଦଙ୍କୁ ନିଜର ରାକ୍ଷସ ରୂପ ଏତେ ଭଲ ଲାଗୁଛି ଯେ, ସବୁ ସମୟରେ ସେ ଭୟଙ୍କର ରୂପରେ ରହିବାକୁ ପସନ୍ଦ କରୁଛନ୍ତି । ତାଙ୍କର ଏମିତି ରୂପ ଦେଖି ଲୋକେ ହଠାତ୍ ଡରିଯାଆନ୍ତି । କିଛି ଲୋକ ତାଙ୍କୁ ତାଚ୍ଛଲ୍ୟ ବି କରିଥାନ୍ତି । ହେଲେ ବ୍ଲାଦ୍ ଏସବୁକୁ ନିଜ ଜୀବନର ଅଙ୍ଗଭାବେ ଗ୍ରହଣ କରି ନେଇଛନ୍ତି ।





ବ୍ୟାକ୍ ପେଜ୍



# ୩୦ ଲକ୍ଷ ଟଙ୍କାର ଛତା



**ଆ**କାଶରେ ମେଘ ଘୋଟି ଆସିଲେ ଛତା କଥା ଆଗ ମନେ ପଡେ । ଘରେ ଘରେ ସମସ୍ତଙ୍କ ପାଖରେ ଥାଏ ବର୍ଷାରୁ ସୁରକ୍ଷା ପ୍ରଦାନ କରୁଥିବା ଏଇ ଛତା । ନିଜ ନିଜ ପସନ୍ଦ ମୁତାବକ ଛତା ବି ଅନେକେ କିଣନ୍ତି । ତେବେ ଆମେ ଆଜି ଏଠାରେ ଏମିତି ଏକ ଛତା ସମ୍ପର୍କରେ କହୁଛୁ, ଯାହାକୁ ଦେଖିଲେ ଆଖି ଝଲସି ଯିବ । ତା'ର ଚମକ ଓ ସୌନ୍ଦର୍ଯ୍ୟ ମନ ମୋହି ନେବ । କିନ୍ତୁ ଏହା ବର୍ଷାରୁ ସୁରକ୍ଷା ଦେଇପାରିବନି । କାରଣ ଏହା ଏକ ଛୋଟିଆ ଛତା । କିନ୍ତୁ ଏହାର ମୂଲ୍ୟ ଶୁଣି ନିଶ୍ଚୟ ହୋସ୍ ଉଡିଯିବ । ସୁରାଟର ଏକ ହୀରା ବ୍ୟବସାୟୀ ଏହାକୁ ତିଆରି କରିଛନ୍ତି । ଏଥିରେ ସେ ୧୭୫ କ୍ୟାରେଟ୍‌ର ହୀରା ବ୍ୟବହାର କରିଛନ୍ତି । ପ୍ରାୟ ୪୫୦ ଗ୍ରାମ୍‌ର ସୁନାରେ ୧୨୦୦୦ରୁ ଊର୍ଦ୍ଧ୍ୱ ହୀରା ଖଚିତ କରାଯାଇ ଏହି ଛତାକୁ ତିଆରି କରାଯାଇଛି । ଏହାକୁ ତିଆରି କରିବ ପାଇଁ ୨୫-୩୦ କାରିଗର ୨୫ ଦିନ ପରିଶ୍ରମ କରିଥିଲେ । ଏହାର ମୂଲ୍ୟ ରହିଛି ୩୦ ଲକ୍ଷ ଟଙ୍କା । ଏହାକୁ ସୁରଟର ବ୍ୟବସାୟୀ ଜଣକ ଜେମ୍ସ ଆଣ୍ଡ ଜୁଏଲାରୀ ଅନ୍ତରାଷ୍ଟ୍ରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ କରିଥିଲେ । ପ୍ରଦର୍ଶନୀରେ ପ୍ରଦର୍ଶିତ ଅନ୍ୟ ହୀରାର ଗହଣା ଅପେକ୍ଷା ଉକ୍ତ ହୀରାର ଛତା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।